ନୀଳମାଧବ ବିକାଶ ପ୍ରକଳ୍ପ ମାଧ୍ୟମରେ କଣ୍ଟିଲୋ ଯାତ୍ରାପଦା ବଜାରଠାରୁ ନୀଳମାଧବ ମନ୍ଦିର ପଶ୍ଚିମ ପାର୍ଶ୍ୱ ରାସ୍ତା ସମ୍ପ୍ରସାରଣ କରାଗଲା। ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ସ୍ୱତନ୍ତ୍ର ପରିକ୍ରମା ରାସ୍ତା ଜଳ ସମ୍ପଦ ବିଭାଗ ପକ୍ଷରୁ ନିର୍ମାଣ କରାଗଲା। ହେଲେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ବାରଣ ସତ୍ତ୍ୱେ ଅମାନିଆ ଜବରଦଖଲକାରୀମାନେ ଉକ୍ତ ରାସ୍ତାକୁ ଅବରୋଧକରି ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଖୋଲି ସମସ୍ୟା ସୃଷ୍ଟି କରୁଛନ୍ତି। ପ୍ରଶାସନିକ ଅଧିକାରୀମାନେ ନୀରବଦ୍ରଷ୍ଟା ସାଜିଥିବା ବେଳେ ପଥଚାରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟରେ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବରେ କଣ୍ଟିଲୋର ଶ୍ରୀନୀଳମାଧବ କ୍ଷେତ୍ର ମାନ୍ୟତା ପାଇଛି। ପ୍ରତ୍ୟହ ରାଜ୍ୟ ତଥା ବାହାରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ନୀଳମାଧବ ଜୀଉଙ୍କ ଦର୍ଶନରେ ଆସୁଥିବା ବେଳେ ସ୍ଥାନୀୟ ତଥା କଣ୍ଟିଲୋ ଆଖପାଖ ଅଞ୍ଚଳର ହଜାର ହଜାର ଜନସାଧାରଣ ଏଠାକୁ ବିଭିନ୍ନ କାର୍ଯ୍ୟରେ ଆସିଥାନ୍ତି। ସମ୍ପ୍ରତି ପିକ୍‌ନିକ୍ ଋତୁ ଆରମ୍ଭ ହୋଇଯାଇଥିବାରୁ ପ୍ରତ୍ୟହ ଶତାଧିକ ବିଦେଶୀ ପର୍ଯ୍ୟଟକଙ୍କ ସୁଅ ଛୁଟିଛି ଏହି ପୀଠକୁ। ତେବେ କଣ୍ଟିଲୋରେ ବିଭିନ୍ନ ପନିପରିବା ଓ ମାଛ, ମାଂସ ବେପାରୀମାନଙ୍କ ପାଇଁ ଏଠାରେ ସ୍ଥାୟୀ ବିପଣୀ ଗୃହ ନ ଥିବାରୁ ସମ୍ପୃକ୍ତ ବେପାରୀମାନେ ମୁଖ୍ୟ ଛକ ଓ ରାସ୍ତାକଡ଼ରେ ସେମାନଙ୍କ ପସରା ମେଲାଇ ବସୁଥିବାରୁ ମୁଖ୍ୟରାସ୍ତା ପାର୍ଶ୍ୱ ଏବେ ଉଠାଦୋକାନୀ ଓ ବେପାରୀମାନଙ୍କ ଦ୍ୱାରା କବଳିତ। ଅପରପକ୍ଷରେ ପ୍ରତ୍ୟହ ବାଘମାରୀ– ଦଶପଲ୍ଲା ୪୮ନଂ. ରାଜ୍ୟ ରାଜପଥ କଣ୍ଟିଲୋ ବଜାର ଦେଇ ଶତାଧିକ ଯାତ୍ରୀବାହୀ ତଥା ଭାରିଯାନ ସହ ବାଲି ବୋଝେଇ ହାଇୱା ଗାଡି ଯାତାୟାତ କରୁଥିବା ବେଳେ ଏହି ରାସ୍ତା ଉପରେ ହାଟ ବସିବା ଯୋଗୁ ଟ୍ରାଫିକ୍ ସମସ୍ୟା ଉପୁଜି ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି।

ପ୍ରକାଶ ଯେ, ୧୫ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ କଣ୍ଟିଲୋ ପଞ୍ଚାୟତ ଓ ଏହାର ଆଖପାଖ ବାଣପୁର, ପଥରଚକଡା, ଧାନଚେଙ୍ଗଡା, ସିଧାମୂଳା ଆଦି ଅଞ୍ଚଳର ଜନସାଧାରଣ ଦୈନିକ ପନିପରିବା ଓ ମାଛମାଂସର ଆବଶ୍ୟକତା ପାଇଁ କଣ୍ଟିଲୋ ପରିବା ଓ ମାଛ ମାଂସ ବେପାରୀଙ୍କ ଉପରେ ନିର୍ଭର କରିଥାନ୍ତି। ଏସବୁ ଅଞ୍ଚଳର ଲୋକମାନଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ପ୍ରତ୍ୟହ ବାଣପୁର, ଧାନଚେଙ୍ଗଡା, ପଡୁରିଆ, ପଥରଚକଡା, ମହାନଦୀର ଅପରପାର୍ଶ୍ୱ ଏକଡାଳ, ନରସିଂହପୁର, ମାନପୁର, ବାଘେଡିଆ ଓ କାନପୁର ଆଦି ଅଞ୍ଚଳର ଚାଷୀମାନେ ପନିପରିବା ସହିତ ମାଛ ଓ ମାଂସ ବେପାରୀମାନେ ପ୍ରତ୍ୟହ କଣ୍ଟିଲୋକୁ ଆସି ସେମାନଙ୍କ ବେପାର କରିଥାନ୍ତି। ତେବେ କଣ୍ଟିଲୋ ଅଞ୍ଚଳରେ ଏମାନଙ୍କ ପାଇଁ କୌଣସି ସ୍ଥାୟୀ ବିପଣୀ ଗୃହ ନ ଥିବାରୁ ସମ୍ପୃକ୍ତ ବେପାରୀମାନେ କଣ୍ଟିଲୋ ଯାତ୍ରାପଦା ବଜାର ଛକ ରାସ୍ତା ପାର୍ଶ୍ୱରେ ସେମାନଙ୍କ ପସରା ମେଲାଇ ବେପାର କରିଥାନ୍ତି। ବିଶେଷକରି ସମ୍ପୃକ୍ତ ବେପାରୀମାନେ ସକାଳୁ ସଞ୍ଜ ଯାଏ ଖୋଲାମେଲାରେ ରାସ୍ତା ପାର୍ଶ୍ୱରେ ବସି ଯେପରି ଭାବରେ ବ୍ୟବସାୟ କରୁଛନ୍ତି, ତାହା ଅସହ୍ୟ ହେଉଛି। କେବଳ ପରିବା ବେପାରୀ କାହିଁକି,ଗ୍ରାହକମାନେ ମଧ୍ୟ କି ବର୍ଷା କି ଖରାରେ ପରିବା କ୍ରୟ କରିବା ବେଳେ ସେମାନଙ୍କ ବାଇକ୍‌ଗୁଡ଼ିକୁ ରାସ୍ତା ଉପରେ ରଖି ଟ୍ରାଫିକ ସମସ୍ୟାକୁ ଦ୍ୱିଗୁଣିତ କରୁଥିବା ପରିଲକ୍ଷିତ ହେଉଛି। ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ପ୍ରତ୍ୟହ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଜଣାଯାଇଛି। ବଜାର ନିକଟସ୍ଥ ଖୁଦବେହେରା ପାଟଣା, କୃଷ୍ଣେଶ୍ୱରପାଟଣା, କଂସାରୀ ସାହି ପାଟଣାର ଅଧିବାସୀ ବିଶେଷ କରି ଝିଅ ବୋହୂମାନେ ପ୍ରତ୍ୟହ ନିକଟସ୍ଥ ମହାନଦୀକୁ ସ୍ନାନ ଶୌଚାଦି କରିବାକୁ ଯିବା ଆସିବା କରିଥାନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶଙ୍କ ସହ ଯୋଗାଯୋଗ କରିବାରେ ଫାଣ୍ଡିରେ କର୍ମଚାରୀ ଅଭାବ ସାଙ୍ଗକୁ ସମ୍ପ୍ରତି ପର୍ଯ୍ୟଟନଋତୁ ଯୋଗୁ ନିକଟସ୍ଥ ସିଧାମୂଳା ଗୋକୁଳାନନ୍ଦ ପର୍ଯ୍ୟଟନ ସ୍ଥଳୀରେ ପ୍ରବଳ ପର୍ଯ୍ୟଟକମାନଙ୍କ ଭିଡ ଯୋଗୁ ସେଠାରେ ପୋଲିସ କର୍ମଚାରୀମାନେ ନିୟୋଜିତ ଥିବାରୁ ସମସ୍ୟା ସୃଷ୍ଟି ହେଉଛି। ତେବେ ବଜାରରେ ଜଣେ ପୋଲିସ କର୍ମଚାରୀ ରହି କାର୍ଯ୍ୟ ତୁଲାଉଥିବା ଦାଶ ସୂଚନା ଦେଇଛନ୍ତି।

# ଓଡ଼ଗାଁ ବ୍ଲକ୍, ତହସିଲ ପକ୍ଷରୁ ସୁଶାସନ ସପ୍ତାହ ପାଳନ

ଓଡ଼ଗାଁ,୨୩।୧୨(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ବ୍ଲକ, ତହସିଲ ତରଫରୁ ସୁଶାସନ ସପ୍ତାହ ପାଳନ ଅବସରରେ ପଡ଼ି ରହିଥିବା ବିଚାରାଧୀନ ମାମଲାଗୁଡ଼ିକର ଫଇସଲା କରିବା ଲକ୍ଷ୍ୟ ରଖିଥିବା ବେଳେ କର୍ମଚାରୀମାନେ ଅଭିଯୋଗକାରୀଙ୍କ ଦ୍ୱାରଦେଶରେ ପହଞ୍ଚି ଅଭିଯୋଗଗୁଡ଼ିକର ସମାଧାନ ଉଦ୍ୟମ ଜାରି ରଖିଛନ୍ତି। ଡିସେମ୍ବର ୧୯ରୁ ୨୫ ତାରିଖ ସପ୍ତାହେ ମଧ୍ୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସହିତ ଅନ୍ୟ କ୍ଷେତ୍ରୀୟ କର୍ମଚାରୀ ଲୋକଙ୍କ ପାଖରେ ପହଞ୍ଚି ଭତ୍ତା, ଆବାସ ଯୋଜନା,ରାଶନ କାର୍ଡ,ଏମ୍‌ଜିଏନ୍‌ଆରଇଜିଏସ୍, ଜୀବିକା ମିଶନ, ସମନ୍ୱିତ ଶିଶୁ ବିକାଶ, ପାନୀୟଜଳ ଯୋଗାଣ, କୃଷି ଏବଂ ଅନ୍ୟାନ୍ୟ ବିଭାଗର ଅଟକି ରହିଥିବା ବିକାଶମୂଳକ ଏବଂ ନିର୍ମାଣ କାର୍ଯ୍ୟଗୁଡ଼ିକ ନିର୍ଦ୍ଧାରିତ ସମୟରେ ସାରିବା ଲାଗି ଉଦ୍ୟମ ଜାରି ରଖିଥିବା ବେଳେ ତହସିଲ ତରଫରୁ ଅନୁରୂପ ଉଦ୍ୟମ ଆରମ୍ଭ ହୋଇଥିବା ଜଣାଯାଇଛି। ରାଜସ୍ୱ ନିରୀକ୍ଷକ ଏବଂ ଅନ୍ୟ କ୍ଷେତ୍ର କର୍ମଚାରୀମାନେ ଗାଁକୁ ଗାଁ ଏବଂ ଘର ଘର ବୁଲି ଭୂମିହୀନ ଓ ବାସହୀନ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ଜାରି ରଖିଛନ୍ତି। ଏହା ସରିବା ପରେ ଯୋଗ୍ୟ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ସାମିଲ କରାଯାଇ ଜାଗା ଓ ଜମି ଯୋଗାଇ ଦେବାକୁ ସରକାରଙ୍କ ତରଫରୁ ବନ୍ଦୋବସ୍ତ କରାଯିବ। ମୃତକଙ୍କ ନାମରେ ଥିବା ଜାଗାବାଡ଼ିକୁ ସେମାନଙ୍କ ନାମରୁ କାଟି ପରବର୍ତ୍ତୀ ବଂଶଧରଙ୍କ ନାମରେ ରେକର୍ଡ କରାଯିବା ପାଇଁ କାର୍ଯ୍ୟ ଚାଲିଛି। ଜନ ଶୁଣାଣି ବେଳେ ଆସିଥିବା ସମସ୍ୟାର ସମାଧାନ ପାଇଁ ଏବଂ ଦାଖଲ ଖାରଜ,କିସମ ପରିବର୍ତ୍ତନ, ରେକର୍ଡଧାରୀଙ୍କ ନାମରେ ଥିବା ଜମିଗୁଡ଼ିକର ପୃଥକୀକରଣ ପ୍ରକ୍ରିୟା ଚାଲିଥିବା ସୂଚନା ମିଳିଛି।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - 751001**

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ₹18 ଲକ୍ଷ ଟଙ୍କା ଆନୁମାନିକ ମୂଲ୍ୟ ରେ **ନିଜର ମୁଖ୍ୟ କାର୍ଯ୍ୟାଳୟ ଭବନର ଦ୍ୱିତୀୟ ମହଲାରେ ଅଡିଟୋରିୟମ୍ ପାଇଁ ଭେରିଏବଲ୍ ରେଫ୍ରିଜରେଣ୍ଟ ଫ୍ଲୋ (ଭିଆରଏଫ/ଭିଆରଭି) ଟେକ୍ନୋଲୋଜି ଆଧାରିତ ଏୟାର କଣ୍ଡିସନିଂ ସିଷ୍ଟମର ଡିଜାଇନ୍, ଯୋଗାଣ, ସ୍ଥାପନା, ପରୀକ୍ଷଣ ଏବଂ କମିଶନିଂ (ଡିଏସଆଇଟିସି) ନିମନ୍ତେ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି 30 ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଜାନୁଆରୀ 05, 2026 ଅପରାହ୍ଣ 04:00 ଟା** ଅଟେ ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**

# ପ୍ରଶାସନର ହସ୍ତକ୍ଷେପ ପରେ ସମସ୍ୟା ସମାଧାନ



ଗ୍ରାମବାସୀ ଓ ପୋଲିସ ମଧ୍ୟରେ ବୈଠକ ବସି ସମସ୍ୟାର ସମାଧାନ କରାଯାଉଛି।

## ମଗରବନ୍ଧ ଗ୍ରାମରେ ବାସନ୍ଦ ଘଟଣା

ଶରଣକୁଳ,୨୩।୧୨ (ଦୀପକ କର)

ଶରଣକୁଳ ଥାନା ମଗରବନ୍ଧ ଗ୍ରାମର ଜଣେ ବ୍ୟକ୍ତି ୮ ମାସ ଧରି ଗାଁରୁ ବାସନ୍ଦ ହୋଇଥିଲେ। ମଙ୍ଗଳବାର ପ୍ରଶାସନର ହସ୍ତକ୍ଷେପ ପରେ ସମସ୍ୟା ସମାଧାନ ହୋଇଛି। ମଗରବନ୍ଧ ଗ୍ରାମର ହେମନ୍ତ କୁମାର ପ୍ରଧାନ ଗାଁର ବିଭିନ୍ନ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇ କାର୍ଯ୍ୟକାରୀ କରି ନ ଥିଲେ । ଗାଁ ରାସ୍ତାରୁ ଗଛ କାଟି ବିକ୍ରି କରିବା, ଚାଷୀଙ୍କ ଧାନମଣ୍ଡିରେ ଟୋକନ କରିଦେବାକୁ କହି ନ କରିବା, ବସ୍ତ୍ରଷ୍ଟାଣ୍ଡ କାମ ନିଜେ କରିବାକୁ ଯାଇ ନ କରିବା ଯୋଗୁ ଟଙ୍କା ଫେରି ଯାଇଥିଲା। ଗ୍ରାମବାସୀ ହେମନ୍ତଙ୍କୁ ପଚାରିଥିଲେ ମଧ୍ୟ ସେ କିଛି ଶୁଣି ନ ଥିଲେ। ସେ ଲୋକଙ୍କୁ ଓଲଟପାଲଟ କଥା କହି ଚାଲିଥିଲେ। ଗାଁ ନିଷ୍ପତ୍ତି ଅନୁଯାୟୀ ତାଙ୍କୁ ବାସନ୍ଦ ରଖାଯାଇଥିଲା । ହେମନ୍ତ ମଙ୍ଗଳବାର ଅଚାନକ ଜମିରେ ପହଞ୍ଚି ଲୋକ ଲଗାଇ ଧାନ କାଟିବାକୁ ସାଙ୍ଗରେ ପୋଲିସ ଧରି ପହଞ୍ଚିଥିଲେ। ଧାନ କାଟିବା ସମୟରେ ଗ୍ରାମବାସୀ ପହଞ୍ଚି ଆମ ଜାଗା ଦେଇ ଯିବା ଆସିବା ନ କରିବାକୁ କହିଥିଲେ। ଏହି ଘଟଣାକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଶରଣକୁଳ ଏସ୍‌ଡିପିଓ ଦୀପ୍ତିକାନ୍ତ ପ୍ରଧାନ, ଥାନା ଅଧିକାରୀ ସୁଜିତ କୁମାର ଦାସ ଓ ଏକ ପ୍ଲାଟୁନ ଫୋର୍ସ ପହଞ୍ଚି ଘଟଣା ସମ୍ପର୍କରେ ହସ୍ତକ୍ଷେପ କରିଥିଲେ। ଏହାକୁ ନେଇ ନୂତନ ନିର୍ମିତ ଧାନମଣ୍ଡିରେ ଏକ ବୈଠକ ହୋଇଥିଲା। ବୈଠକରେ ଉଭୟ ପକ୍ଷଙ୍କ ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ସହମତିରେ ସମାଧାନ ହୋଇଥିଲା। ପୂର୍ବ ଭଳି ହେମନ୍ତ ଗାଁ ଲୋକଙ୍କ ସହିତ ସୁସମ୍ପର୍କ ରକ୍ଷା କରି ଚାଲିବେ ଓ ତାଙ୍କ ଜମିରେ ଧାନ କାଟି ପାରିବେ ବୋଲି ଗାଁ ସଭାପତି ଶଶିଭୂଷଣ ପ୍ରଧାନ କହିଛନ୍ତି। ଶରଣକୁଳ ଥାନା ଅଧିକାରୀ ତଥା ଗ୍ରାମବାସୀଙ୍କ ସହଯୋଗ ଫଳରେ ବଡ଼ ସମସ୍ୟା ସମାଧାନ ହୋଇଥିବା ଜଣାପଡ଼ିଛି।

# ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ, ଗୁରୁତରଙ୍କୁ କଟକ ସ୍ଥାନାନ୍ତର

ବ୍ରହ୍ମପୁର , ୨୩।୧୨
(ସୁବାସ ଚନ୍ଦ୍ର ପାଢ଼ୀ)

ନିମଖଣ୍ଡି ଥାନା ଅନ୍ତର୍ଗତ ବୋରିଗାଁ ବଡ଼ ବନ୍ଧ ସାହିରେ ସୋମବାର ରାତିରେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହୋଇଛି। ଏଥିରେ ପ୍ରଫୁଲ୍ଲ ରାଉତ ନାମକ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେହିପରି ୪ ପଡୋଶୀ ଘରର କାନ୍ଥ ଭାଙ୍ଗିଛି। ଗୁରୁତରଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ ଅଭିଯୋଗ ହୋଇନଥିବା ପୋଲିସ କହିଛି। ପ୍ରଫୁଲ୍ଲ ଘରେ ଏକୁଟିଆ ଥିବା ସମୟରେ ରାତ୍ର ପ୍ରାୟ ୧୧ ଟା'ରେ ଗ୍ୟାସରେ ଡାଲି ଗରମ କରୁଥିବା ବେଳେ ହଠାତ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହୋଇଥିଲା। ଫଳରେ ଘରର କବାଟ ଝରକା ଭାଙ୍ଗିଯାଇଥିଲା। ପ୍ରଫୁଲ୍ଲ ଗୁରୁତର ଆହତ ହୋଇଥିଲେ। ପ୍ରଫୁଲ୍ଲଙ୍କ ହାତ, ଗୋଡ଼ ସହ ଶରୀରର ବିଭିନ୍ନ ଅଙ୍ଗ କ୍ଷତ ହୋଇଛି। ଗୁରୁତର ଅବସ୍ଥାରେ ପ୍ରଫୁଲ୍ଲଙ୍କୁ ପ୍ରଥମେ ବ୍ରହ୍ମପୁର ଏମକେସିଜି ମେଡିକାଲ ଓ ପରେ କଟକ ବଡ଼ ମେଡ଼ିକାଲକୁ ପଠାଇ ଦିଆଯାଇଛି। ତାଙ୍କ ଘର ଛାତ ଓ ଘର ଭିତରେ ଥିବା ବହୁ ଆସବାବପତ୍ର ନଷ୍ଟ ହୋଇଛି । ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ବାସିନ୍ଦା ପ୍ରଫୁଲ୍ଲଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ।

**ସର୍ବସାଧାରଣଙ୍କ ନିମନ୍ତେ ବିଜ୍ଞପ୍ତି**

**ମେସର୍ସ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ ଲିମିଟେଡ୍**

**ପରିବେଶ ମଞ୍ଜୁରୀ**

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ) ଓଡ଼ିଶା, ମେସର୍ସ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ମୌଜା- ଚନ୍ଦକା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶାରେ ଅବସ୍ଥିତ ପ୍ଲଟ୍ ନଂ.- ୨୧୬୧/୭୪୬୦ ଏବଂ ୧୫ଟି ଅନ୍ୟାନ୍ୟ ପ୍ଲଟ୍ ଏବଂ ଖାତା ନଂ.- ୬୦୩/୫୪୮୫ ଓ ୧୩ଟି ଅନ୍ୟାନ୍ୟ ଖାତା ଉପରେ ନିର୍ମିତ ହେଉଥିବା "ଇଭୋସ୍ ଅମାନୀ" ନାମ ଓ ଶୈଳୀର ଆବାସିକ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି ।

ଇସି ଚିହ୍ନଟୀକରଣ ସଂଖ୍ୟା: ଇସି୨୪ବି୦୩୮ଓଆର୍୧୬୧୯୨୧ (EC24B038OR161921), ତା୦୯।୦୨।୨୦୨୪ରିଖ ଅଧୀନରେ ପରିବେଶ ମଞ୍ଜୁରୀର ନକଲ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ), ଓଡ଼ିଶା ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି)ରେ ଉପଲବ୍ଧ ଏବଂ ତାହାକୁ ପ୍ରାଧିକରଣ/ବୋର୍ଡର ୱେବସାଇଟ୍‌ରେ ମଧ୍ୟ ଦେଖାଯାଇପାରିବ ।

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ) ଇଆଇଏ ନୋଟିଫିକେଶନ୍, ୨୦୦୬ ଅନୁସାରେ ଉପରୋକ୍ତ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି ।

**ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍**
**କଳିଙ୍ଗ କେଶରୀ ରଥ (ପରିଚାଳନା ନିର୍ଦ୍ଦେଶକ)**
**ପ୍ରାଧିକୃତ ସ୍ୱାକ୍ଷରକର୍ତ୍ତା**

**OFFICE OF THE CDM & PHO-CUM-DMD, KHORDHA**
DISTRICT PROGRAMME MANAGEMENT UNIT
**NATIONAL HEALTH MISSION**

Advt. No.20336 dated 22/12/25

**CORRIGENDUM NOTICE**

**No.E-622** : In pursuance to the Advertisement No. 19151 dt- 02-12-2025 published in the daily Odia Newspaper "Samaj" and "Dharitri" on dt 03-12-2025 for "**Supply of Food Catering Services under NHM, Khordha**" that the last date of Submission of Tender are hereby extended up to 30-12-2025 by 12.30 PM. The tender will be opened on 30-12-2025 3.30 PM in the Office of the undersigned. The term and Conditions are remain unchanged and same vide above mentioned advertisement.

Sd./- CDM & PHO-cum-DMD, Khordha

OIPR-10029/11/0018/2526

**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर**

**लापता: आवश्यक सूचना**



गुमशुदा मो0 इरसाद हुसैन उम्र–करीब 26 वर्ष।

उपरोक्त प्रसंग एवं विषय के संबंध में सूचित करना है कि आवेदक अफजल मलिक के द्वारा अपने भाई अफजल मलिक उम्र–करीब 26 वर्ष की गुमशुदगी के संबंध में साकची थाना में लिखित आवेदन दिये हैं। आवेदन में इनके द्वारा बताया गया कि गुमशुदा मो0 इरसाद हुसैन उम्र–करीब 26 वर्ष, पिता–मो0 अहतेशाम मलिक, पता–ओल्ड पुरुलिया रोड मानगो, थाना–मानगो, जिला–पूर्वी सिंहभूम, जमशेदपुर जो दिनांक12.10.25 को अपने लॉज, आमबगान मस्जिद से अनयंत्र कहीं और जाने के लिए निकला था और आजतक वापस नहीं लौटा है। परिवारवालों ने अपने स्तर से काफी खोजबीन किया परन्तु कुछ पता नहीं चल सका। गुमशुदा महिला का हुलिया निम्न प्रकार है :–रंग–गोरा, कद–05 फीट 10 इंच, बाल–काला, दाढ़ी बड़ा हुआ एवं मानसिक रुप से कमजोर।

अतः अनुरोध है कि गुमशुदा मो0 इरसाद हुसैन उम्र–करीब 26 वर्ष को खोजबीन/पता कराने हेतु कम से कम तीन राष्ट्रीय स्तर के समाचार पत्रों एवं तीन राज्य स्तर के समाचार पत्रों में प्रकाशित कराये जाने का कष्ट किया जाय।

| | |
|---|---|
| वरीय पुलिस अधीक्षक, पूर्वी सिंहभूम, जमशेदपुर | : 0657–2431006 |
| पुलिस अधीक्षक नगर, पूर्वी सिंहभूम, जमशेदपुर | : 9471190203 |
| पुलिस उपाधीक्षक, नगर | : 9431706483 |
| थाना प्रभारी, साकची | : 9431706591 |

वरीय पुलिस अधीक्षक,
पूर्वी सिंहभूम, जमशेदपुर

PR 369250 Police (25-26)_D

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108

**OFFICE OF THE EXECUTIVE ENGINEER. MINOR IRRIGATION DIVISION, JAMTARA**

**e-Procurement Tender Notice**
**Two Envelope System**

**Tender Reference No:- WRD/MID/JAMTARA/B.D./S.L.I.-01/2025-26**
**Letter No:-_______/M.I.D.JAMTARA Date:-_____________/**

| | | |
|---|---|---|
| 1 | Name of Work: | Construction of Chief Minister Solar Based Lift Irrigation Scheme at Rajaya under Block - Jamtara, District- Jamtara |
| 2 | Estimated Cost (in Rs.) | Rs. 1,18,75,985.74 |
| 3 | Cost of tender document (in Rs) | Rs. 10,000.00 only (non-refundable). |
| 4 | Earnest Money Deposit (in Rs.) | Rs. 1,19,000.00 |
| 5 | Time of Completion | 11 Months |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publication of Tender on website (http://jharkhandtenders.gov.in) | Date: 30.12.2025 Time: 11:00 AM |
| 8 | Last Date/Time for downloading of bidding documents and Submission of Tender on Website | Date: 15.01.2026 Time: 05:00 PM |
| 9 | Submission of Tender Fee and EMD | Start Date:- 30.12.2025 Time: 11:00 AM<br>Last Date:- 15.01.2026 Time: 05:00 PM |
| 10 | Technical Bid Opening Date | Date: 17.01.2026 Time: 05:00 PM |
| 11 | Officer Inviting Bids | Executive Engineer, Minor Irrigation Division, Jamtara |
| 12 | Contact No. of Procurement Officer email of Procurement Officer | Mob- 8405978740<br>Email Id-eemijamtara95@gmail.com |
| 13 | Help line No. of Procurement Cell | Mob - 6204257133 |

- Note:- Estimated cost may increase or decrease.
- Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 HP pumps (AC Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
- **Only e-Tender will be accepted.**
- Further details can be seen on website http://jharkhandtenders.gov.in

**Executive Engineer,**
PR 369209 Minor Irrigation(25-26)#D **Minor Irrigation Division, Jamtara**

**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर**

**लापताः आवश्यक सूचना**



गुमशुदा महिला भानुमति भकत, उम्र–करीब 46 वर्ष।

उपरोक्त प्रसंग एवं विषय के संबंध में सूचित करना है कि आवेदक हराधन भकत के द्वारा अपनी माँ **भानुमति भकत, उम्र–करीब 46 वर्ष** की गुमशुदगी के संबंध में जादुगोड़ा थाना में लिखित आवेदन दिया गया है। आवेदन में इनके द्वारा बताया गया है कि **गुमशुदा भानुमति भकत, उम्र–करीब 46 वर्ष, पति–स्व0 भुपेन भकत, पता–ग्राम–भुटकाड (कालापाथर), थाना–जादुगोड़ा, जिला–पूर्वी सिंहभूम, जमशेदपुर** जो दिनांक–06.11.2025 को अपने घर से बिना बताये निकली है अभी तक वापस नहीं लौटी है। आवेदक एवं इनके परिवारवालों ने अपने स्तर से काफी खोजबीन किया परन्तु कुछ पता नहीं चल सका। **गुमशुदा महिला का हुलिया निम्न प्रकार है :–उम्र–46 वर्ष, रंग–सॉवला, कद–05 फीट 01 इंच, भाषा–हिन्दी एवं बंगला।**

अतः अनुरोध है कि **गुमशुदा महिला भानुमति भकत, उम्र–करीब 46 वर्ष** को **खोजबीन/ पता** कराने हेतु कम से कम तीन राष्ट्रीय स्तर के समाचार पत्रों एवं तीन राज्य स्तर के समाचार पत्रों में प्रकाशित कराये जाने का कष्ट किया जाय।

| | |
|---|---|
| वरीय पुलिस अधीक्षक, पूर्वी सिंहभूम, जमशेदपुर | : 0657–2431006 |
| पुलिस अधीक्षक ग्रामीण, पूर्वी सिंहभूम, जमशेदपुर | : 9470199228 |
| पुलिस उपाधीक्षक, मुसाबनी | : 9431706492 |
| थाना प्रभारी, जादुगोड़ा | : 9431706523 |

वरीय पुलिस अधीक्षक,
पूर्वी सिंहभूम, जमशेदपुर

PR 369252 Police(25-26)#D

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**Admission Open! Admission Open!!**
From Play Group to Class-8
**St.Xaviers Public School**
Mundeilo, Parjang, Dkl.
Urgent requirement for CBSE Pattern
**Principal-01.**
Med BEd (2-5 yr. Experience)
**Teacher-04.** (Bsc Bed./Msc/Bsc)
**Contact : 8260211012/7477211012**

**LEPRA SOCIETY** *requires*
Male ORW for Target Intervention (IDU) project, Bhubaneswar.
Qualification & Experience:- 8th standard or above having 2yrs of experience in social sector.
**Salary :- Rs.10, 500/-(PM)**
Apply to hrd@leprahealthinaction.in by 31st December 2025. For apply detail visit www.leprasociety.in (Careers column)

**ଶେଫ୍/ହେଲ୍ପର ଆବଶ୍ୟକ**
ଇଣ୍ଡିଆନ୍। ଚାଇନିଜ୍। ତନ୍ଦୁର। କଣ୍ଟିନେଣ୍ଟାଲ୍
ଦରମା : 12,000 ରୁ 15,000 + ଇନ୍‌ସେଣ୍ଟିଭ୍
**ରାନ୍ଧୁଣୀ/ହେଲ୍ପର ଆବଶ୍ୟକ**
ରୋଟି। ପରଠା। ରୋଲ୍ସ। ରାଉଣ୍ଡ ମିଲ୍
ଦରମା : 7,000 ରୁ 10,000 + ଇନ୍‌ସେଣ୍ଟିଭ୍
**ସ୍ଥାନ : ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**
**ଯୋଗାଯୋଗ : 8144327308/9861244466**

**ବଗିଚା କାମ ପାଇଁ ମାଳୀ ଆବଶ୍ୟକ।**
ରହିବାକୁ ଘର ଫ୍ରୀ, ଦରମା 12500/–
**Lady Office Asst.**
ରହିବା ଖାଇବା ଫ୍ରୀ। ଦରମା 10000 pm
**At - Phulanakhara, Cuttack**
**Mob : 7809525452**

**अखिल भारतीय आयुर्विज्ञान संस्थान (एम्स), भुवनेश्वर**
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
(A Statutory body under aegis of Ministry of Health and Family Welfare, Govt. of India)
Sijua, Post-Dumuduma, Bhubaneswar (Odisha) -751019

File No.: RECT-11012/3/2025-RECU SEC/20638 Date: 22.12.2025

**NOTIFICATION**

**RECRUITMENT OF ASSISTANT PROFESSOR (GROUP 'A') POSTS FOR VARIOUS DEPARTMENTS OF AIIMS BHUBANESWAR ON DIRECT RECRUITMENT BASIS-2025.**

**All India Institute of Medical Sciences (AIIMS), Bhubaneswar,** an Autonomous Institute of National Importance, is one of the new AIIMS and apex healthcare Institute being established by the Ministry of Health & Family Welfare, Government of India under the **Pradhan Mantri Swasthya Suraksha Yojana (PMSSY)** with the aim to address regional disparities in quality tertiary healthcare across the country while promoting self-sufficiency in undergraduate, postgraduate, and higher medical education, research and training.

Online applications are invited from eligible Indian citizens and other candidates as permitted under applicable laws for the post of **Assistant Professor** in various departments of the **AIIMS Satellite Centre, Balasore,** on a **Direct Recruitment Basis.** The link for submission of online applications, along with detailed information regarding the advertised posts, shall be activated from the date of publication of this advertisement in the **Employment News/Rozgar Samachar.** All relevant details, including the cut-off dates and other important instructions pertaining to this recruitment, will be provided exclusively on the official website of AIIMS Bhubaneswar.

| Name of the Department | Assistant Professor | | | | |
|---|---|---|---|---|---|
| | UR | OBC | SC | ST | EWS |
| Anaesthesiology | -- | -- | -- | -- | 01 |
| Biochemistry | 01 | -- | -- | -- | -- |
| Cardiology | -- | 01 | -- | -- | -- |
| Dentistry | -- | -- | 01 | -- | -- |
| Dermatology | 01 | -- | -- | -- | -- |
| ENT | 01 | -- | -- | -- | -- |
| General medicine | -- | 01 | -- | -- | -- |
| General surgery | 01 | -- | -- | -- | -- |
| Hospital Administration | -- | -- | 01 | -- | -- |
| Microbiology | -- | 01 | -- | -- | -- |
| Neurology | 01 | -- | -- | -- | -- |
| Neuro surgery | 01 | -- | -- | -- | -- |
| Obstetrics and Gynaecology | 01 | -- | -- | -- | -- |
| Ophthalmology | -- | 01 | -- | -- | -- |
| Orthopedics | 01 | -- | -- | -- | -- |
| Paediatrics | -- | -- | 01 | -- | -- |
| Pathology | -- | -- | -- | 01 | -- |
| Radio diagnosis | -- | 01 | -- | -- | -- |
| **Grand Total** | 08 | 05 | 03 | 01 | 01 |

**Abbreviation used:**
**EWS**- Economically Weaker Section, **OBC**-Other Backward Classes, **SC**- Schedule Caste, **ST**-Schedule Tribe, **UR**- Unreserved

For comprehensive details regarding educational qualifications, age requirements, and eligibility criteria, please refer to **Advertisement No. RECT-11012/3/2025-RECU SEC (I/20637/2025) Dated 22.12.2025,** available on the Institute's official website at **https://aiimsbhubaneswar.nic.in/recruitment-notice/**

Sd/-
**(Prof. (Dr.) Ashutosh Biswas)**
**Executive Director**
**AIIMS, Bhubaneswar**

Your classified advertisement published in Dharitri will be listed free in Dharitri online edition :
**www.dharitri.com**

# ଯୁଦ୍ଧ ଓ ସଂଘର୍ଷ

ଆଧୁନିକ ବିଶ୍ୱ ଇତିହାସରେ ୨୦୨୫ ଥିଲା ସବୁଠୁ ସଂଘର୍ଷମୟ ବର୍ଷ। ବିଶ୍ୱର ବିଭିନ୍ନ ଭାଗରେ ଯୁଦ୍ଧ, ସଂଘର୍ଷ, ଗୃହଯୁଦ୍ଧ, ଭୂରାଜନୈତିକ ଉତ୍ତେଜନା, ସୀମା ବିବାଦ, ଆତଙ୍କବାଦୀ ଆକ୍ରମଣ ଆଦି ଦେଖିବାକୁ ମିଳିଥିଲା। ଆଲୋଚ୍ୟ ବର୍ଷରେ ପୂର୍ବ ୟୁରୋପଠାରୁ ନେଇ ମଧ୍ୟପ୍ରାଚ୍ୟ, ଆଫ୍ରିକା ଓ ଏସିଆ ପର୍ଯ୍ୟନ୍ତ ସଂଘର୍ଷ ଲାଗି ରହିବାରୁ ମାନବୀୟ ସଙ୍କଟ ଉପୁଜିଥିଲା। ଦୀର୍ଘ ସମୟ ଧରି ଚାଲିଥିବା ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଏବଂ ଇସ୍ରାଏଲ୍-ପାଲେଷ୍ଟାଇନ୍ ସଙ୍କଟ ଯୋଗୁ ବହୁ ଧନଜୀବନ ହାନି ହୋଇଥିବାବେଳେ ସୁଦାନ, ମ୍ୟାନ୍‌ମାର, ସିରିଆ ଓ କେତେକ ଆଫ୍ରିକୀୟ ଦେଶରେ ଗୃହଯୁଦ୍ଧ ମୁଣ୍ଡ ଟେକିଥିଲା। ଏଥିଯୋଗୁ ସମ୍ପୃକ୍ତ ଅଞ୍ଚଳରେ ଶାନ୍ତିଭଙ୍ଗ ହେବା ସହ ଅସ୍ଥିରତା ଘନେଇଥିଲା। ଖାଦ୍ୟ ସଙ୍କଟ, ଅନଟନ, ଗଣପଳାୟନ, ବିସ୍ଥାପନ ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିଥିଲା। ବିଶେଷକରି ଜମ୍ମୁ-କଶ୍ମୀରର ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ଓ ପିଓକେରେ ଭାରତର 'ଅପରେଶନ୍ ସିନ୍ଦୂର' ଯୁଦ୍ଧଭୂଇଁରେ ଦୁଇ ପଡ଼ୋଶୀ ରାଷ୍ଟ୍ରକୁ ପୁଣିଥରେ ମୁହାଁମୁହିଁ କରାଇଥିଲା। ବିଦାୟୀ ବର୍ଷରେ ଆଧୁନିକ ଯୁଦ୍ଧାସ୍ତ୍ରର ବ୍ୟବହାର ବହୁଳ ଭାବେ ହୋଇଥିଲା। ପାରମ୍ପରିକ ଯୁଦ୍ଧ ପାଇଁ ବ୍ୟବହୃତ ଅସ୍ତ୍ର ପରିବର୍ତ୍ତେ ଡ୍ରୋନ୍ ଷ୍ଟ୍ରାଇକ୍, ସାଇବର ଅପରେଶନ୍, ଛାୟାଯୁଦ୍ଧ, ଅର୍ଥନୈତିକ ଚାପ ଆଦି ହାଇବ୍ରିଡ୍ କନ୍‌ଫ୍ଲିକ୍ଟକୁ ନୂତନ ରୂପେ ପରିଭାଷିତ କରିଥିଲା। ଏହା ଆଗରେ ହାର ମାନିଥିଲା ଶାନ୍ତି ଆଲୋଚନା ଓ ସିଜ୍‌ଫାୟାର ଭଳି ତମାମ କୂଟନୈତିକ ପଦକ୍ଷେପ।





## ପହଲଗାମ୍ ଆକ୍ରମଣର ପ୍ରତିଶୋଧ

# ଅପରେଶନ ସିନ୍ଦୂର





ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମ୍‌ସ୍ଥିତ ବୈସରନ୍ ଉପତ୍ୟକାରେ ଇସ୍‌ଲାମିକ୍ ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଏକେ-୪୭ ଧାରୀମାନେ ଧର୍ମ ପଚାରି ହିନ୍ଦୁମାନଙ୍କୁ ଗୁଳି କରିଥିଲେ। ଏଥିରେ ୨୫ ହିନ୍ଦୁ ପର୍ଯ୍ୟଟକ ଓ ଜଣେ ସ୍ଥାନୀୟ ଅପରେଟରଙ୍କ ମୃତ୍ୟୁ ଘଟିଥିଲା। ୨୦୦୮ ମୁମ୍ବାଇ ଆକ୍ରମଣ ପରେ ଭାରତୀୟ ନାଗରିକଙ୍କ ଉପରେ ଏହା ଥିଲା ସବୁଠୁ ଘାତକ ଆକ୍ରମଣ। ଜାତିସଂଘ ଦ୍ୱାରା ନିଷିଦ୍ଧ ଘୋଷିତ ଲଶ୍କର-ଇ-ତୋଇବା (ଏଲ୍‌ଇଟି)ର ଦି ରେଜିଷ୍ଟାନ୍ସ ଫୋର୍ସ (ଟିଆର୍‌ଏଫ୍) ଏଥିପାଇଁ ନିଜକୁ ଦାୟୀ କରିଥିବାବେଳେ ପାକିସ୍ତାନ ବିରୋଧରେ ବଡ଼ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଦେଶବ୍ୟାପୀ ଦାବି କରାଯାଇଥିଲା। ମେ' ୭ ତାରିଖରେ ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ ପାକିସ୍ତାନ ଏବଂ ପାକ୍-ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀଙ୍କୁ ନିପାତ କରିବା ଲାଗି ସେମାନଙ୍କ ଭିତ୍ତିଭୂମି ଉପରେ ଜୋର୍‌ଦାର ଏୟାର ଷ୍ଟ୍ରାଇକ୍ କରାଯାଇଥିଲା। ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ କେତେଜଣ ଆତଙ୍କବାଦୀ ନିହତ ହୋଇଥିଲେ, ସେମାନଙ୍କ ସଂଖ୍ୟା ଏଯାଏ ସ୍ପଷ୍ଟ ହୋଇ ନାହିଁ। ଅନ୍ୟପକ୍ଷେ ପାକିସ୍ତାନ ମଧ୍ୟ ଏହାର ଜବାବ ଦେବାକୁ ଯାଇ ବହୁସଂଖ୍ୟକ ଡ୍ରୋନ୍ ବ୍ୟବହାର କରିଥିଲା। ଜମ୍ମୁର ଶମ୍ଭୁ ମନ୍ଦିର, ପୁଞ୍ଚର ଗୁରୁଦ୍ୱାରା ଓ କେତେକ ଖ୍ରୀଷ୍ଟିଆନ୍ କନ୍‌ଭେଣ୍ଟକୁ ଡ୍ରୋନ୍ ଆକ୍ରମଣ କରିବା ସହ ଭାରତର କେତେକ ଯୁଦ୍ଧବିମାନକୁ ଖସାଇ ଦେଇଥିବା ପରବର୍ତ୍ତୀ ସମୟରେ ଦାବି କରିଥିଲା। ଭାରତର ଜବାବୀ କାର୍ଯ୍ୟାନୁଷ୍ଠାନକୁ ସମ୍ଭାଳି ନ ପାରି ଶେଷରେ ପାକିସ୍ତାନର ସାମରିକ ଅପରେଶନ୍ସ ଡାଇରେକ୍ଟର ଜେନେରାଲ ପକ୍ଷରୁ ଭାରତୀୟ ପ୍ରତିପକ୍ଷଙ୍କୁ ଆଲୋଚନା ପାଇଁ ଅନୁରୋଧ କରାଯାଇଥିଲା। ଭାରତ ଏଥିରେ ସହମତି ପ୍ରକାଶ କରିବା ପରେ ଉଭୟ ପକ୍ଷ ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲେ। ମେ' ୧୦ ଅପରାହ୍ନ ୫ରେ ଅସ୍ତ୍ରବିରତି ଲାଗୁ ହୋଇଥିଲା, ଯାହା ପୂର୍ବରୁ ଏନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଘୋଷଣା କରିଥିଲେ। ତେବେ ଭାରତ-ପାକିସ୍ତାନ ମଧ୍ୟରେ ଟ୍ରମ୍ପ୍ କାହିଁକି ମଧ୍ୟସ୍ଥତା କଲେ ଏବଂ ସେ କାହିଁକି ପ୍ରଥମେ ଏନେଇ ଘୋଷଣା କଲେ ବୋଲି କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ କରିଥିଲେ। ଏହି ପ୍ରସଙ୍ଗ ଭାରତରେ ନୂଆ ରାଜନୈତିକ ବିବାଦକୁ ଜନ୍ମ ଦେଇଥିବାବେଳେ ଟ୍ରମ୍ପ୍ ଟାରିଫ୍ ଭୟ ଦେଖାଇ ଯୁଦ୍ଧ ବନ୍ଦ ପାଇଁ ଉଭୟ ଦେଶକୁ ରାଜି କରାଇଥିବା କଥା ବହୁବାର ଦୋହରାଇଥିଲେ। ଏପରି କି ସଂଘର୍ଷ ବେଳେ ୮ଟି ଯୁଦ୍ଧବିମାନ ଖସିଥିବା ସେ ଦାବି କରିଥିଲେ। ଟ୍ରମ୍ପଙ୍କ ଏଭଳି ଦାବି ପୂର୍ବରୁ ଜୁନ୍ ପହିଲାରେ ଭାରତର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଅନିଲ ଚୌହାନ ଏହି ସାମରିକ ଅପରେଶନ୍ ବେଳେ ଭାରତକୁ କ୍ଷତି ସହିବାକୁ ପଡ଼ିଥିବା ବିଷୟ ସ୍ୱୀକାର କରିଥିଲେ, ଯାହାକି ଏକ ବଡ଼ ବିତର୍କର କାରଣ ପାଲଟିଥିଲା। ଭାରତ ବିରୋଧରେ ପାକିସ୍ତାନକୁ ଚାଇନା ଓ ତୁର୍କୀ ଅସ୍ତ୍ରଶସ୍ତ୍ର ଯୋଗାଇଥିବା ବିଷୟ ପରେ ଜଣାପଡ଼ିଥିଲା। ଏଥିଯୋଗୁ ଭାରତରେ ଚାଇନା ଓ ତୁର୍କୀ ବିରୋଧୀ ମନୋଭାବ ବୃଦ୍ଧି ପାଇଥିଲା।

## ଇସ୍ରାଏଲ୍-ହମାସ୍ ଯୁଦ୍ଧର ପରିସର ବୃଦ୍ଧି



୨୦୨୩ ଅକ୍ଟୋବର ୭ରେ ଆରମ୍ଭ ହୋଇଥିବା ଇସ୍ରାଏଲ୍-ହମାସ୍ ଯୁଦ୍ଧ ୨୦୨୫ରେ ଉଗ୍ରରୂପ ଧାରଣ କରି ମଧ୍ୟପ୍ରାଚ୍ୟରେ ଅସ୍ଥିରତା ସୃଷ୍ଟିର କାରଣ ପାଲଟିଥିଲା। ଏହି ସାମରିକ ସଂଘର୍ଷ ଯୋଗୁ ଧ୍ୱଂସର ଲୀଳା ଦେଖିବାକୁ ମିଳିଥିଲା। ଆଞ୍ଚଳିକ ଉତ୍ତେଜନା ବୃଦ୍ଧି ପାଇବା ସହ ମାନବୀୟ ସଙ୍କଟ ଘନେଇଥିଲା। ଆଲୋଚନା ଜରିଆରେ ଶାନ୍ତି ପ୍ରତିଷ୍ଠା ଉଦ୍ୟମ ପାଇଁ ଆମେରିକାର ମଧ୍ୟସ୍ଥତା ସମେତ ଅନ୍ତର୍ଜାତୀୟ ସମୁଦାୟର ଉଦ୍ୟମ ଚାଲିଥିବାବେଳେ ଇସ୍ରାଏଲ ସେନା ଓ ଗାଜାର ସଶସ୍ତ୍ର ଶାସକ ହମାସ୍ ଥରକୁ ଥର ଏହାକୁ ଭଣ୍ଡୁର କରିବାରେ ଲାଗିଥାଆନ୍ତି। ଏୟାର ଷ୍ଟ୍ରାଇକ୍, ଗ୍ରାଉଣ୍ଡ୍ ଅପରେଶନ୍ ଜାରି ରହିବାରୁ ଗାଜା ଷ୍ଟ୍ରିପ୍‌ରେ ବସବାସ କରୁଥିବା ପାଲେଷ୍ଟିନୀୟଙ୍କ ଦୁର୍ଦ୍ଦଶା ବହୁଗୁଣିତ ହୋଇଥିଲା। ହମାସ୍ ଏହାର ଜବାବ ଦେବାକୁ ଯାଇ ଗେରିଲା କୌଶଳ ଆପଣାଇବା ସହ ରକେଟ ଆକ୍ରମଣ କରିଥିଲା। ବିଦାୟୀ ବର୍ଷରେ ଜାତିସଂଘ ଓ ଅନ୍ତର୍ଜାତୀୟ ସହାୟତା ସଂସ୍ଥାଗୁଡ଼ିକର ବାରମ୍ବାର ସତର୍କତା ସତ୍ତ୍ୱେ ଉଭୟ ପକ୍ଷ ନିଜ ଜିଦ୍‌ରେ ଅଟଳ ରହିବାରୁ ଗାଜାରେ ଖାଦ୍ୟ, ଜଳ, ଇନ୍ଧନ ଓ ମେଡିକାଲ ଭିତ୍ତିଭୂମି ସର୍ବାଧିକ ଧ୍ୱଂସ ହୋଇଥିଲା। ଏହି ଯୁଦ୍ଧ ଗାଜା ପରିସୀମା ଅତିକ୍ରମ କରିବାର ସରହଦ ବାହାରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ବିଶେଷକରି ଇସ୍ରାଏଲର ଉତ୍ତର ସୀମାରେ ଥିବା ଲେବାନନ୍‌ରେ ହେଜବୋଲ୍ଲାକୁ ଯୁଦ୍ଧ ପାଇଁ ଏହା ଉସୁକାଇଥିଲା। ଇସ୍ରାଏଲ୍-ଇରାନ୍ ମୁହାଁମୁହିଁ ଶତ୍ରୁତା ବହୁଗୁଣିତ ହେବା ସହ ସାଇବର ଅପରେଶନ୍ ଓ ଛାୟାଯୁଦ୍ଧ ବଢ଼ିଥିଲା। ଆମେରିକା, ଇଜିପ୍ଟ, କାତାର ଓ ଅନ୍ୟ ଅନ୍ତର୍ଜାତୀୟ ପକ୍ଷମାନେ ଉତ୍ତେଜନା ହ୍ରାସ ପାଇଁ କୂଟନୈତିକ ହସ୍ତକ୍ଷେପ କରିଥିଲେ। ବର୍ଷ ଶେଷରେ ଇସ୍ରାଏଲ୍-ହମାସ୍ ଯୁଦ୍ଧ ଅମୀମାଂସିତ ରହିଥିଲା। ଇସ୍ରାଏଲ୍ ଓ ପାଲେଷ୍ଟିନୀୟଙ୍କ ସଂଘର୍ଷ ଆଗକୁ ଅଧିକ ଜଟିଳ ହେବା ନେଇ ଏହା ସ୍ପଷ୍ଟ ସଙ୍କେତ ଦେଇଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶାନ୍ତି ଯୋଜନା କିଛି ମାତ୍ରାରେ ଆଶ୍ୱସ୍ତି ଆଣିଦେଇଥିଲା। ଶେଷରେ ହମାସ୍ ଅବଶିଷ୍ଟ ଇସ୍ରାଏଲୀ ପଣବନ୍ଦୀଙ୍କୁ ମୁକ୍ତ କରିବାରୁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମର୍ଯ୍ୟାଦା ଅକ୍ଷୁଣ୍ଣ ରହିଥିଲା। ୨ ବର୍ଷ ଅଢ଼େଇ ମାସ ଧରି ଲାଗିରହିଥିବା ଯୁଦ୍ଧରେ ଲକ୍ଷାଧିକ ଲୋକଙ୍କ ପ୍ରାଣହାନି ଘଟିଥିଲା, ଯାହାଙ୍କ ମଧ୍ୟରୁ ଅଧିକାଂଶ ମହିଳା ଓ ଶିଶୁ ଥିଲେ। ବର୍ଷ ଶେଷରେ ମଧ୍ୟ ଅସ୍ତ୍ରବିରତି ଉଲ୍ଲଂଘନ ଜାରି ରହିଥିଲା।

## ବାଂଲାଦେଶରେ ଭାରତ ବିରୋଧୀ ହିଂସା



ବର୍ଷ ଶେଷ ଆଡ଼କୁ ବାଂଲାଦେଶରେ ପୁଣି ମୁଣ୍ଡ ଟେକିଲା ଭାରତ ବିରୋଧୀ ଆନ୍ଦୋଳନ। ୨୦୨୬ ଫେବୃଆରୀ ୧୨ରେ ସେଠାରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ଡିସେମ୍ବର ୧୨ ତାରିଖରେ ଇନ୍‌କିଲାବ ମଞ୍ଚ ନେତା ଶରିଫ୍ ଓସ୍‌ମାନ ହାଦି (୩୨) ପ୍ରଚାର କରୁଥିଲେ। ସେତେବେଳେ ମୁଖାପିନ୍ଧା ଦୁର୍ବୃତ୍ତମାନେ ତାଙ୍କୁ ଗୁଳି କରିଥିଲେ। ଗୁରୁତର ଥିବା ଶରିଫ୍‌ଙ୍କୁ ଚିକିତ୍ସା ପାଇଁ ସିଙ୍ଗାପୁର ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିବା ପରେ ପଡ଼ୋଶୀ ଦେଶରେ ଭାରତ ବିରୋଧୀ ମନୋଭାବ ତେଜିବାରେ ଲାଗିଲା। ବିକ୍ଷୋଭକାରୀମାନେ ମିମେନ୍‌ସିଂ ସହରରେ ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ର ଦାସ(୩୦)ଙ୍କୁ ପିଟି ପିଟି ହତ୍ୟା କରିବା ପରେ ତାଙ୍କ ମୃତଦେହକୁ ଜାଳି ଦେଲେ। ରାଜଧାନୀ ଢାକା ସମେତ ବାଂଲାଦେଶର ବିଭିନ୍ନ ସହରରେ ଜଳାପୋଡ଼ା, ଭଙ୍ଗାରୁଜା ଭଳି ହିଂସାତ୍ମକ ଆନ୍ଦୋଳନ ଜାରି ରହିଥିଲା। ଭାରତ ବିରୋଧୀ ଏହି ଉଗ୍ର ଜାତୀୟତାବାଦ ଆନ୍ଦୋଳନର ମୂଳଦୁଆ ୨୦୨୪ ଅଗଷ୍ଟ ୫ରେ ପଡ଼ିଥିଲା, ଯେତେବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଦେଶ ଛାଡ଼ି ଭାରତକୁ ପଳାୟନ କରିଥିଲେ। ଭାରତର ଶରଣ ନେଇ ଏଠାରେ ଅବସ୍ଥାନ କରୁଥିବା ହାସିନା ସରକାରଙ୍କ ପତନ ପରେ ମହମ୍ମଦ ୟୁନୁସ୍ ଅନ୍ତରୀଣ ସରକାର ମୁଖ୍ୟ ଭାବେ ଅବସ୍ଥାପିତ ହୋଇଛନ୍ତି। ୨୦୨୫ ନଭେମ୍ବର ୧୭ରେ ଦେଶର ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ (ଆଇସିଟି) ୭୮ ବର୍ଷୀୟା ହାସିନାଙ୍କୁ ମାନବିକତା ବିରୋଧୀ ଅପରାଧ ଅଭିଯୋଗରେ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଥିଲେ। ବାଂଲାଦେଶ ସରକାର ହାସିନାଙ୍କ ପ୍ରତ୍ୟର୍ପଣ ଦାବି କରୁଥିବାବେଳେ ଭାରତ ସରକାରଙ୍କ ଅଭିମୁଖ୍ୟ ଏବେ ଢାକା ଓ ନୂଆଦିଲ୍ଲୀକୁ ମୁହାଁମୁହିଁ ଅବସ୍ଥାକୁ ଟାଣିଆଣିଛି। ସେହିପରି ପଶ୍ଚିମବଙ୍ଗ ଓ ଆସାମ ସମେତ କେତେକ ରାଜ୍ୟରେ ଭୋଟର ତାଲିକା ଶୁଦ୍ଧୀକରଣ ନାମରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଯୋଗୁ ଭାରତରୁ ଅନେକ ବାଂଲାଦେଶୀ ସ୍ୱଦେଶ ପଳାୟନ କରିବାକୁ ବାଧ୍ୟ ହେଉଛନ୍ତି। ୧୭୩ ନିୟୁତ ଜନସଂଖ୍ୟା ବିଶିଷ୍ଟ ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁ ଓ ଭାରତ ବିରୋଧୀ ମନୋଭାବ ତେଜିବା ପଛରେ ଏହା ମଧ୍ୟ ଏକ କାରଣ ହୋଇଥାଇପାରେ ବୋଲି କୁହାଯାଉଛି।

## ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଅମୀମାଂସିତ

୨୦୨୨ ଫେବୃଆରୀ ୨୪ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ନିଜ ସେନାକୁ ୟୁକ୍ରେନ୍ ବିରୋଧରେ ସ୍ୱତନ୍ତ୍ର ସାମରିକ ଅପରେଶନ୍ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେତେବେଳେ ପୁଟିନ୍ କହିଥିଲେ, ରୁଷୀୟ ସେନା ସମଗ୍ର ୟୁକ୍ରେନୀୟ ଭୂଖଣ୍ଡକୁ ମାତ୍ର ୭ ଦିନ ଭିତରେ ଦଖଲ କରିନେବ। କିନ୍ତୁ ୨୦୨୫ ଶେଷ ସୁଦ୍ଧା ପୁଟିନ୍‌ଙ୍କ ଏହି ସ୍ୱପ୍ନ ପୂରଣ ହୋଇପାରି ନ ଥିଲା। ଚତୁର୍ଥ ବର୍ଷରେ ଏହି ଯୁଦ୍ଧ ଏକବିଂଶ ଶତାବ୍ଦୀର ସବୁଠୁ ବଡ଼ ସଂଘର୍ଷର ରୂପ ନେଇଥିଲା, ଯାହାର ପରିଣାମ କେବଳ ୨ ଶତ୍ରୁ ରାଷ୍ଟ୍ର ଭିତରେ ସୀମିତ ନ ଥିଲା ବରଂ ବିଶ୍ୱର ବିଭିନ୍ନ ଭାଗରେ ଏହାର ପ୍ରଭାବ ଅନୁଭୂତ ହୋଇଥିଲା। ସୀମାରେ ରୁଷିଆ ଓ ୟୁକ୍ରେନ୍ ସେନା ଯୁଦ୍ଧ ଲଢୁଥିଲେ। କିନ୍ତୁ ଆମେରିକା, ଚାଇନା, ଇରାନ୍, ବେଲାରୁଷ, ଉତ୍ତର କୋରିଆ ଭଳି ଦେଶ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଏଥିରେ ଜଡ଼ିତ ହୋଇଥିଲେ। ୟୁକ୍ରେନ୍‌ର ପୂର୍ବ ଓ ଦକ୍ଷିଣ ଭାଗରେ ଲଢ଼େଇ ଜାରି ରହିଥିବାବେଳେ ଉଭୟ ପକ୍ଷ ଭୂଖଣ୍ଡ ଦଖଲ ଉପରେ ଗୁରୁତ୍ୱ ଦେଇଥିଲେ। ରୁଷିଆ ଢ଼ୁହାକୁ ଢ଼ୁହା କ୍ଷେପଣାସ୍ତ୍ର ଓ ରକେଟ ମାଡ଼ କରି ୟୁକ୍ରେନ୍‌ର ଶକ୍ତି ଭିତ୍ତିଭୂମିକୁ ଦୋହଲାଇ ଦେଇଥିବାବେଳେ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସୈନ୍ୟ ରୁଷୀୟ ତୈଳ ସମ୍ପଦକୁ ଟାର୍ଗେଟ କରିଥିଲେ। ଯଦିଓ ପାଶ୍ଚାତ୍ୟର ସାମରିକ ସହାୟତା ଜେଲେନ୍‌ସ୍କିଙ୍କ ମନୋବଳ ବୃଦ୍ଧି କରିଥିଲା, ତଥାପି ବିଦାୟୀ ବର୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପରିବର୍ତ୍ତିତ ଆଭିମୁଖ୍ୟ ଉଭୟ ରୁଷିଆ ଓ ୟୁକ୍ରେନ୍‌କୁ ନରମିଯିବା ପାଇଁ ବାଧ୍ୟ କରିଥିଲା। ୟୁକ୍ରେନ୍‌ରେ ମାନବୀୟ ସଙ୍କଟ ବଢ଼ିଚାଲିଥିବାବେଳେ ଟ୍ରମ୍ପଙ୍କ ଚାପ ଯୋଗୁ ଜେଲେନ୍‌ସ୍କି ଯୁଦ୍ଧବିରତି ପାଇଁ ଏକପ୍ରକାର ସହମତି ପ୍ରକାଶ କରିଥିଲେ। ଏପରି କି ଆମେରିକା ଓ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ସୁରକ୍ଷା ଗ୍ୟାରେଣ୍ଟି ଦେଲେ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ସଦସ୍ୟତା ହାସଲ ସକାଶେ ଚଳାଇଥିବା ଉଦ୍ୟମରୁ ୟୁକ୍ରେନ୍ ଓହରିଯିବ ବୋଲି ଜେଲେନ୍‌ସ୍କି କହିଥିଲେ। ଅନ୍ୟପକ୍ଷେ ପୁଟିନ୍ ଚାହୁଁଥିଲେ, ରୁଷିଆ ଦଖଲରେ ଥିବା ୟୁକ୍ରେନ୍‌ର କ୍ରିମିଆ ସମେତ ଡୋନେସ୍କ, ଲୁହାନ୍‌ସ୍କ, ଜାପୋରିଝିଆ ଓ ଖେରସନ୍ ଆଦିକୁ ନେଇ ୨୦% ଅଞ୍ଚଳ ମସ୍କୋ ନିୟନ୍ତ୍ରଣରେ ରହୁ। ୟୁକ୍ରେନ୍ ଭବିଷ୍ୟତରେ ପାଶ୍ଚାତ୍ୟର ସହଯୋଗ ନେଇ ରୁଷିଆ ଉପରେ ଆକ୍ରମଣ ନ କରୁ ବୋଲି ପୁଟିନ୍ ନିଜ ସର୍ତ୍ତରେ ଅଟଳ ଥିବାରୁ ଟ୍ରମ୍ପଙ୍କ ବାରମ୍ବାର ହସ୍ତକ୍ଷେପ, ଚାପ ଓ କଟକଣା ସତ୍ତ୍ୱେ ଯୁଦ୍ଧର ଅବସାନ ହୋଇ ନ ଥିଲା। ଏହା ଭିତରେ ଶାନ୍ତିର ପକ୍ଷଧର ଭାରତ ରୁଷିଆଠାରୁ ମାତ୍ରାଧିକ ତୈଳ ଆମଦାନୀ କରୁଥିବାରୁ ଏହା ୟୁକ୍ରେନ୍ ବିରୋଧୀ ଯୁଦ୍ଧ ପାଇଁ ଇନ୍ଧନ ଯୋଗାଉଥିବା କହି ଟ୍ରମ୍ପ୍ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ଅତିରିକ୍ତ ୨୫% ଆମଦାନୀ ଶୁଳ୍କ ଲଦିଥିଲେ, ଯାହାକି ୱାଶିଂଟନ୍ ଓ ନୂଆଦିଲ୍ଲୀ ମଧ୍ୟରେ ତିକ୍ତତା ବୃଦ୍ଧିର କାରଣ ହୋଇଥିଲା।





## ଜାଫର ଏକ୍ସପ୍ରେସ୍ ହାଇଜାକ୍ କଲେ ବଲୁଚ୍ ବିଦ୍ରୋହୀ

ପ୍ରାକୃତିକ ବାଷ୍ପ, ତୈଳ ଓ ଖଣିଜ ସମ୍ପଦରେ ପରିପୂର୍ଣ୍ଣ ପାକିସ୍ତାନର ଦକ୍ଷିଣପଶ୍ଚିମ ବେଲୁଚିସ୍ତାନ ପ୍ରଦେଶ ସହ ଇସ୍‌ଲାମାବାଦ ଭେଦଭାବପୂର୍ଣ୍ଣ ଆଚରଣ କରିଆସୁଛି। ଏହି ଅନୁନ୍ନତ ଅଞ୍ଚଳକୁ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ପ୍ରଦାନ ପାଇଁ ୨୦୦୦ ଦଶକରୁ ସଶସ୍ତ୍ର ଆନ୍ଦୋଳନ ଚାଲିଛି। ତେବେ ବେଲୁଚିସ୍ତାନ ଲିବରେଶନ୍ ଆର୍ମି (ବିଏଲ୍‌ଏ) ଏହି ପ୍ରଦେଶକୁ ଉପେକ୍ଷାର ପ୍ରତିଶୋଧ ନେଇଥିଲା ମାର୍ଚ୍ଚ ୧୧ରେ। କ୍ୱେଟାରୁ ୫୦୦ ଯାତ୍ରୀଙ୍କୁ ନେଇ ପେଶାୱର ଯାଉଥିବାବେଳେ ପେହରୋ କୁନ୍ରି ଏବଂ ଗଦାଲର ମଧ୍ୟବର୍ତ୍ତୀ ଏକ ଟନେଲ ନିକଟରେ ବଲୁଚ୍ ବିଦ୍ରୋହୀ ଜାଫର ଏକ୍ସପ୍ରେସ୍‌କୁ ନାଟକୀୟ ଶୈଳୀରେ ହାଇଜାକ୍ କରିଥିଲେ। ସେମାନେ ଟ୍ରେନ୍‌କୁ ଲାଇନଚ୍ୟୁତ କରାଇ ସେଥିରେ ବିସ୍ଫୋରଣ ଘଟାଇଥିଲେ। ଫାଇଟର୍ସଙ୍କ ଗୁଳିମାଡ଼ରେ ୨୦ ପାକିସ୍ତାନୀ ସୁରକ୍ଷା କର୍ମୀ ନିହତ ହୋଇଥିବାବେଳେ ଅନେକ ଯାତ୍ରୀ ଆହତ ହୋଇଥିଲେ। ଏପରି କି ବିଏଲ୍‌ଏ ୧୮୨ ଯାତ୍ରୀ ଓ ସୁରକ୍ଷା କର୍ମୀଙ୍କୁ ପଣବନ୍ଦୀ ରଖିଥିଲା। ପାକିସ୍ତାନ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କଲେ ସମସ୍ତ ପଣବନ୍ଦୀଙ୍କୁ ମାରିଦିଆଯିବ ବୋଲି ବିଏଲ୍‌ଏ ଚେତାବନୀ ଦେଇଥିଲା। ଦିନକ ପରେ ୩୦୦ରୁ ଊର୍ଦ୍ଧ୍ୱ ପଣବନ୍ଦୀଙ୍କୁ ସେମାନଙ୍କ କବଳରୁ ଉଦ୍ଧାର କରାଯାଇଥିବା ପାକିସ୍ତାନୀ ଅଧିକାରୀମାନେ କହିଥିଲେ।



## ଆମେରିକାର ମିଶନ୍ ମିଡ୍‌ନାଇଟ୍ ହାମର



ଜୁନ୍ ୨୨ ତାରିଖ ଭୋର ସମୟରେ ଆମେରିକାର ବି-୨ ବମ୍ବର ଇରାନ୍‌ର ନତାଞ୍ଜ, ଇସ୍‌ଫାହାନ୍ ଓ ଫର୍ଦ୍ଦୋସ୍ଥିତ ୩ ଆଣବିକ କେନ୍ଦ୍ର ଉପରେ ଷ୍ଟ୍ରାଇକ୍ କରିଥିଲା। ଏହି ଆକ୍ରମଣରେ ସେଗୁଡ଼ିକ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦାବି କରିଥିଲେ। ତେବେ ଏହା ପୂର୍ବରୁ ତମାମ ଗୋଇନ୍ଦା ଏଜେନ୍ସି ଆଖିରେ ଧୂଳି ଦେଇ ତେହରାନ୍ ସେଠାରେ ମହଜୁଦ ଥିବା ୧୦ଟି ପରମାଣୁ ବୋମା ତିଆରି କରିବା ପାଇଁ ପର୍ଯ୍ୟାପ୍ତ ୯୦୦ ପାଉଣ୍ଡ (୪୦୮ କେ.ଜି.ରୁ ଊର୍ଦ୍ଧ୍ୱ) ଏନ୍‌ରିଚ୍‌ଡ ୟୁରାନିୟମ୍‌କୁ ଅନ୍ୟତ୍ର ସ୍ଥାନାନ୍ତର କରିବାରେ ସକ୍ଷମ ହୋଇଥିଲା। ସାଟେଲାଇଟ୍ ଚିତ୍ରକୁ ଅନୁଧ୍ୟାନ କରି ଇସ୍ରାଏଲୀ ଇଣ୍ଟେଲିଜେନ୍ସ ମଧ୍ୟ ଏହି ବିଷୟ ସ୍ପଷ୍ଟ କରିଥିଲା। ଆମେରିକୀୟ ଷ୍ଟ୍ରାଇକ୍‌ର ୪ ଦିନ ପରେ ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ଇସ୍ରାଏଲ୍ ବିରୋଧୀ ଯୁଦ୍ଧରେ ବିଜୟ ଘୋଷଣା କରିଥିଲେ। ୩୬ ବର୍ଷ ଧରି କ୍ଷମତାରେ ଥିବା ୮୬ ବର୍ଷୀୟ ଖାମେନେଇ ଜୁନ୍ ୧୯ ପରେ ପ୍ରଥମ ଥର ପାଇଁ ଏକ ସରକାରୀ ଟିଭି ଚ୍ୟାନେଲରେ ସାମ୍ନାକୁ ଆସି କହିଥିଲେ, ଇସ୍ରାଏଲ୍‌ରେ ଇହୁଦୀ ଶାସନର ପତନ ଆଶଙ୍କା କରି ଆମେରିକା ଏହି ଯୁଦ୍ଧରେ ହସ୍ତକ୍ଷେପ କରିଥିଲା। ତେବେ ଯୁଦ୍ଧରୁ ଆମେରିକାକୁ କୌଣସି ଲାଭ ମିଳିନାହିଁ। ଇସ୍‌ଲାମିକ୍ ସାଧାରଣତନ୍ତ୍ର ଇରାନ୍ ଆମେରିକା ମୁହଁରେ ଚାପୁଡ଼ା ମାରି ଯୁଦ୍ଧରେ ବିଜୟୀ ହୋଇଛି।

### ଯୁଦ୍ଧରେ ବିଜୟ ଘୋଷଣା କଲେ ଖାମେନେଇ

## ଟ୍ରମ୍ପ୍‌ଙ୍କ ଯୁଦ୍ଧ ବିରତି ଉଦ୍ୟମ



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦ୍ୱିତୀୟ ଥର କ୍ଷମତାକୁ ଆସିଲେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ବନ୍ଦ କରାଇବେ ବୋଲି ନିର୍ବାଚନ ପ୍ରଚାର ବେଳେ ପ୍ରତିଶ୍ରୁତି ଦେଇଥିଲେ। ୨୦୨୦ରେ ଟ୍ରମ୍ପ୍ ଦାୟିତ୍ୱ ଗ୍ରହଣ ପରେ କେବଳ ରୁଷିଆ-ୟୁକ୍ରେନ୍ ନୁହେଁ, ଇସ୍ରାଏଲ୍-ହମାସ୍ ସମେତ ଆହୁରି କେତେକ ଯୁଦ୍ଧ ବନ୍ଦ ଦିଗରେ ଉଦ୍ୟମ କରିଥିଲେ। କ୍ଷମତାକୁ ଆସିବାର ୧୦ ମାସ ମଧ୍ୟରେ ସେ ଉଚ୍ଚ ଟାରିଫ୍ ଭୟ ଦେଖାଇ ଭାରତ-ପାକିସ୍ତାନ, ଇସ୍ରାଏଲ୍-ଇରାନ୍, ଆର୍ମେନିଆ-ଅଜରବୈଜାନ, ଥାଇଲାଣ୍ଡ-କାମ୍ବୋଡିଆ, ରୱାଣ୍ଡା-କଙ୍ଗୋ, ସର୍ବିଆ-କୋସୋଭୋ ଓ ଇଜିପ୍ଟ-ଇଥିଓପିଆ ମଧ୍ୟରେ ଚାଲିଥିବା ଯୁଦ୍ଧର ଅବସାନ ପାଇଁ କୂଟନୈତିକ ପ୍ରୟାସ ଚଳାଇଥିଲେ। ଏଥିପାଇଁ ସେ ୨୦୨୫ ବର୍ଷର ନୋବେଲ ଶାନ୍ତି ପୁରସ୍କାର ଆଶାୟୀ ଥିଲେ। ଏଥିରୁ କେତୋଟି ଯୁଦ୍ଧ ବନ୍ଦ ହୋଇଥିବାବେଳେ ରୁଷିଆ-ୟୁକ୍ରେନ୍ ସଂଘର୍ଷ ଅଦ୍ୟାବଧି ଜାରି ରହିବା ତାଙ୍କର ଏକ ବିଫଳତା ବୋଲି ଟ୍ରମ୍ପ୍ ସ୍ୱୀକାର କରିଛନ୍ତି।

## ୧୨ ଦିନିଆ ଯୁଦ୍ଧ

### ଇସ୍ରାଏଲ୍-ଇରାନ୍ ଘମାଘୋଟ ଲଢ଼େଇ

ଇରାନ୍ ଓ ଇସ୍ରାଏଲ୍ ମଧ୍ୟରେ ବହୁ ବର୍ଷ ଧରି କୁହୁଳୁଥିବା ଧୂଆଁ ଜୁନ୍ ୧୩ରେ ନିଆଁର ରୂପ ନେଇ ବ୍ୟାପିବାରେ ଲାଗିଲା। ଇସ୍ରାଏଲ୍ ପକ୍ଷରୁ ଇରାନୀୟ ସାମରିକ ଓ ଆଣବିକ କେନ୍ଦ୍ରଗୁଡ଼ିକ ଉପରେ ବଡ଼ଧରଣର ଏୟାରଷ୍ଟ୍ରାଇକ୍ କରାଯାଇଥିଲା। 'ଅପରେଶନ୍ ରାଇଜିଂ ଲାୟନ୍' ନାମରେ କରାଯାଇଥିବା ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ ଇରାନ୍‌ର ନତାଞ୍ଜ ଓ ଇସ୍‌ଫାହାନ୍ ନ୍ୟୁକ୍ଲିୟର କମ୍ପ୍ଲେକ୍ସ ସମେତ ଶତାଧିକ ଅସ୍ତ୍ରଭଣ୍ଡାର କ୍ଷତିଗ୍ରସ୍ତ ହୋଇଥିଲା। ଇରାନ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) କମାଣ୍ଡର ହୋସେଇନ୍ ସଲାମି, ଇରାନ୍ ଚିଫ୍ ଅଫ୍ ଷ୍ଟାଫ୍ ମହମ୍ମଦ ବଘେରି, ଡେପୁଟି ଗୋଲାମ ଅଲୀ ରାଶିଦ୍, କୁଦ୍ସ ଫୋର୍ସ ନେତା ଇସ୍‌ମାଇଲ କାନି ଓ ୬ ଜଣ ବରିଷ୍ଠ ପରମାଣୁ ବୈଜ୍ଞାନିକ ପ୍ରାଣ ହରାଇଛନ୍ତି। ଯୁଦ୍ଧବିମାନ ଓ ଡ୍ରୋନ୍ ଷ୍ଟ୍ରାଇକ୍‌ରେ ଇରାନ୍‌ର ୭୮ ନିହତ ହୋଇଥିବାବେଳେ ୩୨୦ରୁ ଅଧିକ ଆହତ ହୋଇଥିଲେ। ଏହାର ଦିନକ ପରେ ଇରାନ୍ ଇସ୍ରାଏଲ୍‌କୁ ଜବାବ ଦେବାକୁ ଯାଇ 'ଅପରେଶନ୍ ଟ୍ରୁ ପ୍ରମିଜ୍ ୩ୟ' ଜରିଆରେ ବହୁ ବାଲିଷ୍ଟିକ୍ ମିଶାଇଲ୍ ଓ ଡ୍ରୋନ୍ ଛାଡ଼ିଥିଲା। ସେଥିରୁ କେତେକ କ୍ଷେପଣାସ୍ତ୍ର ଇସ୍ରାଏଲୀ ପ୍ରତିରକ୍ଷା ବ୍ୟବସ୍ଥାକୁ ଦୋହଲାଇ ଦେଇଥିବାବେଳେ ସାଧାରଣ ନାଗରିକ ମଧ୍ୟ ପ୍ରାଣ ହରାଇଥିଲେ। ଇସ୍ରାଏଲ୍ ମଧ୍ୟ ଏହାର ମୁହଁତୋଡ଼ ଜବାବ ଦେଇଥିଲା। ଇରାନ୍ ଆକ୍ରମଣ ଜାରି ରଖିଲେ ତେହରାନ୍ ଜଳିଯିବ ବୋଲି ଇସ୍ରାଏଲ୍ କଡ଼ା ଚେତାବନୀ ଦେଇଥିଲା। ଜୁନ୍ ୨୫ ପର୍ଯ୍ୟନ୍ତ ଚାଲିଥିବା ତେଲ୍ ଆଭିଭ୍‌ର ଆକ୍ରମଣ ଓ ଜେରୁଜେଲମ୍‌ର ପ୍ରତିଆକ୍ରମଣ (୧୨ ଦିନିଆ ଯୁଦ୍ଧ) ମଧ୍ୟପ୍ରାଚ୍ୟରେ ସଂଘର୍ଷ ଘନଘଟାର ପରିସରକୁ ବ୍ୟାପକ କରିଥିଲା।



## ପାକ୍-ଆଫ୍‌ଗାନ ସୀମା ସଂଘର୍ଷ



ଅକ୍ଟୋବର ୯ ତାରିଖ ଭୋର ସମୟରେ ଆଫଗାନିସ୍ତାନର କାବୁଲ, ଖୋସ୍ତ, ଜଲାଲାବାଦ୍ ଓ ପାକ୍ତିକାରେ ପାକିସ୍ତାନ ପକ୍ଷରୁ ଏୟାର ଷ୍ଟ୍ରାଇକ୍ କରାଯାଇଥିଲା। ଆଫ୍‌ଗାନିସ୍ତାନର ବହିର୍ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତକି ଭାରତକୁ ସାପ୍ତାହିକ ଗସ୍ତରେ ଆସିଥିବାବେଳେ ଆତଙ୍କବାଦୀ ସଙ୍ଗଠନ ତେହରିକ୍-ଇ-ତାଲିବାନ୍ ପାକିସ୍ତାନ (ଟିଟିପି) ନେତା ନୁର୍ ୱାଲି ମେହସୁଦ୍‌ଙ୍କୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିବା ଇସ୍‌ଲାମାବାଦ କହିଥିଲା। ଏହି ଆକ୍ରମଣ ପରେ ୧୧ ତାରିଖ ରାତିରୁ ୨ ଦିନ ଧରି ଆଫ୍‌ଗାନ ତାଲିବାନ୍ ପକ୍ଷରୁ ବିବାଦୀୟ ଡୁରଣ୍ଡ ଲାଇନ୍‌ରେ ପାକିସ୍ତାନୀ ସେନାର ଅନେକ ଶିବିରକୁ ଟାର୍ଗେଟ କରାଯାଇଥିଲା। ୧୮୯୩ରେ ବ୍ରିଟିଶଙ୍କ ଦ୍ୱାରା ନିର୍ଦ୍ଧାରିତ ଡୁରଣ୍ଡ ଲାଇନ୍‌ର ଟୋର୍ଖାମ୍ ଓ ଚମନ୍ କ୍ରସିଂ ସମେତ କରାଚୀ, ଅଙ୍ଗୁର ଆଡ୍ଡା ଏବଂ ଗୁଲାମ୍ ଖାନ୍ ସୀମାକୁ ରବିବାର ବନ୍ଦ କରାଯାଇଥିଲା। ଏଥିରେ ସଂଘର୍ଷରେ ଉଭୟ ପକ୍ଷ ପରସ୍ପରର ଶତାଧିକ ସୈନ୍ୟଙ୍କୁ ନିପାତ କରିଥିବା ଦାବି କରିଥିଲେ। ନୂଆଦିଲ୍ଲୀରେ ମନ୍ତ୍ରୀ ମୁତ୍ତକି ଏକ ଖବରଦାତା ସମ୍ମିଳନୀ କରି କହିଥିଲେ, ଆଫ୍‌ଗାନିସ୍ତାନ ବାହ୍ୟ ଆକ୍ରମଣର ମୁକାବିଲା ପାଇଁ ଏକଜୁଟ୍ ହୋଇ ରହିଛି। ଆମେ ଆଲୋଚନା ଓ ବୁଝାମଣା ଜରିଆରେ ସବୁ ସମସ୍ୟାର ସମାଧାନ ଚାହୁଁ। କିନ୍ତୁ ଆଫ୍‌ଗାନିସ୍ତାନର ସାର୍ବଭୌମତ୍ୱ ପ୍ରତି ବିପଦ ଆସିଲେ ତାକୁ ବରଦାସ୍ତ କରାଯିବ ନାହିଁ। ୨୦୨୧ ଅଗଷ୍ଟ ୧୫ରେ ତାଲିବାନ୍ କାବୁଲ ଦଖଲ କରି ଆଫ୍‌ଗାନିସ୍ତାନରେ କ୍ଷମତାକୁ ଆସିବା ପରେ ଏହା ଥିଲା ଦୁଇ ପଡ଼ୋଶୀ ମଧ୍ୟରେ ସବୁଠୁ ବଡ଼ ସଂଘର୍ଷ। ଅକ୍ଟୋବର ଶେଷରେ ଇସ୍ତାନବୁଲରେ ଅସ୍ତ୍ରବିରତି ପାଇଁ ପାକିସ୍ତାନ ଓ ଆଫ୍‌ଗାନିସ୍ତାନ ମଧ୍ୟରେ ସହମତି ପ୍ରକାଶ ପାଇଥିଲା। କିନ୍ତୁ ଏହା ପରେ ମଧ୍ୟ ଦୁଇଦେଶ ମଧ୍ୟରେ ସଂଘର୍ଷ ଜାରି ରହିଥିଲା।

# ସୁକିନ୍ଦା ରୋଡ୍ ରେଲୱେ ସାଇଡିଂକୁ ଜବାବ ତଲବ

## ଏସ୍‌ପିସିବି ନୀତି, ନିୟମ ଉଲ୍ଲଂଘନ

ଯାଜପୁର/କଳିଙ୍ଗନଗର,୨୩।୧୨
(ହର୍ଷବର୍ଦ୍ଧନ ବେହେରା/ଶୁଭାଶିଷ ରାଉତ)



ସୁକିନ୍ଦା ରୋଡ୍ ରେଲ୍‌ୱେ ସାଇଡିଂ।

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା ମାନଗୋବିନ୍ଦପୁର ସୁକିନ୍ଦା ରୋଡ ରେଲୱେ ସାଇଡିଂରେ ଅତ୍ୟଧିକ ବାୟୁ ପ୍ରଦୂଷଣ ପାଇଁ ଷ୍ଟେଶନ ସୁପରିଟେଣ୍ଡେଣ୍ଟଙ୍କୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସପିସିବି) ପକ୍ଷରୁ ସୋମବାର କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହି ନୋଟିସର ୧୪ଦିନ ମଧ୍ୟରେ ସନ୍ତୋଷଜନକ ଉତ୍ତର ନ ମିଳିଲେ କନସେଣ୍ଟ ଟୁ ଅପରେଟ(ସିଟିଓ)ପ୍ରତ୍ୟାଖ୍ୟାନ ଓ ରେଲ୍‌ୱେ ସାଇଡିଂକୁ କାହିଁକି ବନ୍ଦ କରା ନ ଯିବ ବୋଲି ଏସପିସିବି ପକ୍ଷରୁ ଚେତାବନୀ ଦିଆଯାଇଛି।

ସୁକିନ୍ଦା ରେଲ୍‌ୱେ ସାଇଡିଂର କଳାତାଣ୍ଡବ ଅଦିନରେ ଲୋକଙ୍କ ଜୀବନ ନେଉଛି। ଗତ ୧୦ ବର୍ଷ ମଧ୍ୟରେ ମାନପୁର ସାଇଡିଂକୁ ଲାଗି ରହିଥିବା ଦାନଗଦି ବ୍ଲକ୍‌ର ଗଉଡ଼ସାହି, ସୁଆଁଳ ଓ ମାନପୁର ଗ୍ରାମର ଶତାଧିକ ଲୋକଙ୍କ ଧୂଳିଧୂଆଁ ଜନିତ ରୋଗ କାରଣରୁ ମୃତ୍ୟୁ ହୋଇଥିବା ପୂର୍ବରୁ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଓ ହାଇକୋର୍ଟରେ ଅଭିଯୋଗ ହୋଇଛି। ହେଲେ ବିଗତ ଦିନରେ କୌଣସି ସୁଫଳ ପାଇନାହାନ୍ତି ଅଭିଯୋଗକାରୀ। ଲୋଡିଂ ଅନଲୋଡିଂ ଦାୟିତ୍ୱରେ ଥିବା ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟକଳାପ ଏଥିପାଇଁ ମୁଖ୍ୟତଃ ଦାୟୀ ବୋଲି ଏବେ ସ୍ପଷ୍ଟ ହେବାରେ ଲାଗିଛି। ଏନେଇ ପୁଣି ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହେବା ପରେ ଏସ୍‌ପିସିବି ଅଧିକାରୀ ୧୫।୧୨।୨୦୨୫ରେ ରେଲୱେ ସାଇଡିଂର ତଦନ୍ତ କରିଥିଲେ। ଉକ୍ତ ତଦନ୍ତରେ ଏଯାଏ ନିୟମ ଅନୁସାରେ ଏଚ୍‌ଡି କ୍ୟାମେରା ବ୍ୟବସ୍ଥିତ ହୋଇ ପାରିନାହିଁ। ଏହାଦ୍ୱାରା ଅତି ପ୍ରଦୂଷଣ ସାମଗ୍ରୀ କୋଲ, କୋକ, ଲାଇମ ଷ୍ଟୋନ, ଆଇରନ ଓର, ଆଇରନ ପ୍ୟାଲେଟ, କ୍ରୋମଓର, କ୍ୱାର୍ଟଜାଇଟ୍, ଡୋଲୋମାଇଟ, ବେଣ୍ଟୋନାଇଟ ପାଉଡର, ଜିପ୍‌ସନ୍, ଜି-ସ୍ଲାଗ ଓ କ୍ଲିଙ୍କର ପରିବହନ ନିୟମ ମୁତାବକ ହେଉଛି କି ନାହିଁ ନିରୀକ୍ଷଣ ହୋଇ ପାରୁନାହିଁ। ଏହାବାଦ ସାଇଡିଂରେ ଚଳାଚଳ କରୁଥିବା ଗାଡ଼ିଗୁଡ଼ିକର ଚକ ଧୁଆ ସିଷ୍ଟମରେ ତାଲା ପଡ଼ିଥିବା ସହ ତାହା ଅକାମି ହୋଇ ପଡ଼ିଛି। ଫଳରେ ପରିବହନ ଗାଡ଼ିଗୁଡ଼ିକ ଚକରେ ଲାଗି ବିଷାକ୍ତ ଗୁଣ୍ଡ ବାହାରକୁ ଆସି ସଚରାଚରକୁ ଦୂଷିତ କରୁଛି। ବାୟୁ ପ୍ରଦୂଷଣ ନିୟନ୍ତ୍ରଣ କରିବାକୁ ଚକ ଧୁଆ ସିଷ୍ଟମ, ଅଫିସ ଗୃହ ଓ ଇନଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ(ଇଟିପି) ନିକଟରେ ଆବଶ୍ୟକ ତାରାରୋପଣ ଏଯାଏ ହୋଇପାରିନାହିଁ। ପବନରେ ଧୂଳିଧୂଆଁ ବାହାରକୁ ନ ଯିବାକୁ ପାଚେରି ଆବଶ୍ୟକ ମୁତାବକ ଉଚ୍ଚ ଭାବେ ନିର୍ମାଣ କରାଯାଇ ନାହିଁ। କ୍ଲିଙ୍କର ପରିବହନ ସମୟରେ ୨ ଓ ୩ ନମ୍ବର ମାର୍ଗରେ ଉତ୍କଟ ବାୟୁ ପ୍ରଦୂଷଣ ହେଉଛି। ରେଲୱେ ସାଇଡିଂର ରାସ୍ତା ଅବସ୍ଥା ବିଭିନ୍ନ ସ୍ଥାନରେ ଭାଙ୍ଗିଯାଇଛି। ଏହାଦ୍ୱାରା ଇଟିପି, ଚକ ଧୁଆ ସିଷ୍ଟମ, ପ୍ରବେଶ ପଥର ୧, ୨ ଓ ୩ ନମ୍ବର ମାର୍ଗରେ ସାମଗ୍ରୀ ପରିବହନ ସମୟରେ ବ୍ୟାପକ ଧୂଳିଧୂଆଁ ସୃଷ୍ଟି ହେଉଛି। ସେହିପରି ୧, ୨ ଓ ୩ ନମ୍ବର ମାର୍ଗରେ ପାଣି ସିଞ୍ଚନ ବ୍ୟବସ୍ଥା ହୋଇ ପାରିନାହିଁ ବୋଲି ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି।

ସୁକିନ୍ଦା ରୋଡ ରେଲ୍‌ୱେ ସାଇଡିଂରେ ଦୈନିକ ୧୮୫୪୭ ଏମଟି ଜେଏସଡବ୍ଲ୍ୟୁ ସିମେଣ୍ଟ ଗ୍ରାଇଡିଂ ୟୁନିଟ ସହ ବିଭିନ୍ନ ଷ୍ଟିଲ କାରଖାନାକୁ ଅତି ପ୍ରଦୂଷିତ ଉପରୋକ୍ତ ସାମଗ୍ରୀ ପରିବହନ ହେଉଛି। ଏହି କାରଣରୁ ଏସପିସିବି ପକ୍ଷରୁ ରେଲ୍‌ୱେ ସାଇଡିଂରେ ବାୟୁ ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣ ନୀତିନିୟମ ପାଳନ କରିବାକୁ କଡ଼ାକଡ଼ି କରାଯାଇଛି। କିନ୍ତୁ ଏହି ସାଇଡିଂ ଦାୟିତ୍ୱରେ ରହିଥିବା ଠିକାସଂସ୍ଥା କେବଳ ନିଜଲାଭ ଜଗିବାରେ ବ୍ୟସ୍ତ ରହି ସମସ୍ତ ନୀତିନିୟମକୁ ଚାପି ଦେଇଛି। ଏହାପୂର୍ବରୁ ଏହି ରେଲ୍‌ୱେ ସାଇଡିଂ କର୍ତ୍ତୃପକ୍ଷଙ୍କୁ ଅନେକ ଥର ତାଗିଦ କରିଥିଲେ। ହେଲେ ଏଯାଏ କୌଣସି ଉପଯୁକ୍ତ ପଦକ୍ଷେପ ଗ୍ରହଣ ହୋଇ ପାରିନାହିଁ। ଏନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରୁଥିଲେ ହେଁ କେତେକ ପ୍ରଭାବଶାଳୀ ନେତାଙ୍କ ହସ୍ତକ୍ଷେପ ଯୋଗୁ ଜିଲା ପ୍ରଶାସନ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାରି ନ ଥିଲା। ବିଡ଼ମ୍ବନା ଯେ,ଏଥିଯୋଗୁ ଦୁଃଖ ଭୋଗୁଛନ୍ତି କେତେକ ଅପ୍ରାପ୍ତ ବୟସ୍କା ମହିଳା। ସ୍ୱାମୀଙ୍କୁ ହରାଇ ୬୦ରୁ ଊର୍ଦ୍ଧ୍ୱ ଆଦିବାସୀ ମହିଳା ଅକାଳରେ ବିଧବା ସାଜି ପିଲାଛୁଆଙ୍କୁ ଧରି ଅଭାବ ଅନାଟନରେ କାଳାତିପାତ କରୁଛନ୍ତି। ଦ୍ରୁତ ଶିଳ୍ପାୟନ ସହ ପରିବେଶ ସୁରକ୍ଷା ଉପରେ ବହୁ ଗୁରୁତ୍ୱ ଦିଆଯାଉଥିବା ସରକାର ଦାବି କରୁଛନ୍ତି। ହେଲେ ଗଉଡ଼ସାହି, ମୁଣ୍ଡାସାହି, ନୀଳପଦା, ମାନପୁର ଆଦି ଗ୍ରାମବାସୀଙ୍କ ପାଇଁ ଏହା ଉପହାସ ହୋଇଛି। ଶତାଧିକ ଲୋକେ ଯକ୍ଷ୍ମା ଓ କାମଳ ରୋଗରେ ଆକ୍ରାନ୍ତ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି।

ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ମଦନ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ନିର୍ଦ୍ଧାରିତ ସମୟରେ ସୁକିନ୍ଦା ରୋଡ ରେଲ୍‌ୱେ ସାଇଡିଂ ପକ୍ଷରୁ ସନ୍ତୋଷଜନକ ଉତ୍ତର ନ ମିଳିଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଏସ୍‌ପିସିବି ସଦାସର୍ବଦା ତତ୍ପର ରହିଛି।

# କଳିଙ୍ଗନଗର ପୁସ୍ତକ ମେଳା ଉଦ୍‌ଯାପିତ




ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଯାଜପୁରରୋଡ୍,୨୩।୧୨
(ପବିତ୍ର ରଞ୍ଜନ ମହାନ୍ତି):

୧୦ମ ରାଜ୍ୟସ୍ତରୀୟ କଳିଙ୍ଗନଗର ପୁସ୍ତକ ମେଳା ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। କମିଟି ସଭାପତି ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ବ୍ୟାସନଗର ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ ଯୋଗଦେଇ ବିଭିନ୍ନ ଯୁଗରେ ପୁସ୍ତକର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଜଗନ୍ନାଥ ଦାସଙ୍କ ଭାଗବତ ଓଡ଼ିଆ ଭାଷାକୁ କିପରି ସମୃଦ୍ଧ କରୁଛି ଏବଂ ସମାଜକୁ ମାର୍ଗଦର୍ଶନ କରୁଛି ସେ ସମ୍ପର୍କରେ ସେ କହିଥିଲେ। ସାମାଜିକ କର୍ମୀ ପ୍ରଶାନ୍ତ କୁମାର ରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତାଭାବେ ବ୍ରହ୍ମାକୁମାରୀ ସୁଚିତ୍ରା ଯୋଗଦେଇ ପୁସ୍ତକ ଆତ୍ମା ଓ ପରମାତ୍ମା ମଧ୍ୟରେ ଯୋଗାସୂତ୍ର ରକ୍ଷା କରିବାରେ ସହାୟକ ହେବା ସଙ୍ଗେ ଚରିତ୍ର ଗାଥା ଓ ମାନବୀୟ ମୂଲ୍ୟବୋଧ ସୃଷ୍ଟି କରିଥାଏ ବୋଲି କହିଥିଲେ।

ଏହାପରେ ପ୍ରଫୁଲ୍ଲ ମହାନ୍ତିଙ୍କ ଲିଖିତ ପୁସ୍ତକ 'ଅବଚେତନ ମନର ଅପାର ଶକ୍ତି' ଓ 'କଳ୍କୀ ଅବତାର ନୋହିଲା ଦ୍ୱାପର ଯୁଗ ଆଇଲା' ଉନ୍ମୋଚିତ ହୋଇଥିଲା। ମେଳାରେ ଯୋଗ ଦେଇଥିବା ପୁସ୍ତକ ପ୍ରକାଶକ ସଂସ୍ଥା ଓ ବିକ୍ରେତାଙ୍କୁ ସମ୍ବର୍ଦ୍ଧିତ କରାଯଇଥିଲା। ପ୍ରାରମ୍ଭରେ ବ୍ୟାସ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୁସ୍ତକ ମେଳା ଉପସଭାପତି ଅକ୍ଷୟ ପଣ୍ଡା ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ କୁଶଚନ୍ଦ୍ର ପ୍ରଧାନ ବିବରଣୀ ପାଠ କରିଥିଲେ। ଉପଦେଷ୍ଟା ଚନ୍ଦ୍ରମଣି ସାମଲ, ଖବରଦାତା ଅଭିମନ୍ୟୁ ମିଶ୍ର, ଉପସଭାପତି ହୃଷୀକେଶ ସାହୁ, ଖବରଦାତା ଚିନ୍ତାମଣି ପାଢ଼ୀ, ସମ୍ପାଦକ ପବିତ୍ର ରଞ୍ଜନ ମହାନ୍ତି, ମାଧବାନନ୍ଦ ବଳ, ଅକ୍ଷୟ କୁମାର ଦେଓ, ପ୍ରଦ୍ୟୁମ୍ନ ବୋଇତେଇ ଓ ପ୍ରଶାନ୍ତ ପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ସଭ୍ୟ ମଧୁସୂଦନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ସାଲେପୁର, ପାଣିକୋଇଲି ମା' ତାରିଣୀ କଲେଜ ବିଜୟୀ

## ଆନ୍ତଃ କଲେଜ କ୍ରିକେଟ

ଯାଜପୁରରୋଡ୍,୨୩।୧୨
(ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ମହାବିଦ୍ୟାଳୟଠାରେ ଚାଲୁଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃ କଲେଜ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ସାଲେପୁର ଓ ପାଣିକୋଇଲି ମା' ତାରିଣୀ କଲେଜ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ ସାଲେପୁର ଓ ଚିତ୍ତାଳୋ କଲେଜ ମଧ୍ୟରେ ହୋଇଥିଲା। ଟସରେ ବିଜୟୀ ହୋଇ ଚିତ୍ତାଳୋ କଲେଜ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ଦଳ ୫୬ ରନ କରିଥିଲା। ସାଲେପୁର କଲେଜ ୭.୪ ଓଭରରେ ୫ ଉଇକେଟ ହରାଇ ୫୭ ରନ କରି ବିଜୟୀ ହୋଇଥିଲା। ସାଲେପୁରର ମହମ୍ମଦ ଆସିଙ୍କୁ ତେଜ୍. ହୋଣ୍ଡା ତରଫରୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ମ୍ୟାଚ କେନ୍ଦ୍ରାପଡ଼ା ଓ ପାଣିକୋଇଲି ମା' ତାରିଣୀ କଲେଜ ମଧ୍ୟରେ ହୋଇଥିଲା। ଟସରେ ବିଜୟୀ ହୋଇ କେନ୍ଦ୍ରାପଡ଼ା ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ମା' ତାରିଣୀ ଦଳ ନିର୍ଦ୍ଧାରିତ ୧୫ ଓଭରରେ ୫ ଉଇକେଟ ହରାଇ ୧୨୧ ରନ କରିଥିଲା। ଏହାର ଜବାବରେ କେନ୍ଦ୍ରାପଡ଼ା ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୮୮ ରନ କରିଥିଲା। ମା' ତାରିଣୀର ମହମ୍ମଦ ସୋହେଲଙ୍କୁ ତେଜ୍ .ହୋଣ୍ଡା ତରଫରୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳକୁ ପବିତ୍ର ମଲ୍ଲିକ, ଶୁଭମ ବିଶ୍ୱାଳ, କଳ୍ପତରୁ ପରିଡା ପରିଚାଳନା କରିଥିଲେ।



ଅତିଥି ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଧର୍ମ



@ ଶିବ



@ ସିଦ୍ଧାର୍ଥ



@ ସ୍ମୃତି



@ ଅକ୍ଷୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରଚଣ୍ଡ ଜ୍ଞାନର ଅଧିକାରୀ ଥିଲେ ଉପେନ୍ଦ୍ର ତ୍ରିପାଠୀ

ଧର୍ମଶାଳା,୨୩।୧୨
(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଗୋକର୍ଣ୍ଣିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଶିଶୁ ସାହିତ୍ୟ ସ୍ରଷ୍ଟା ଉତ୍କଳ ଚନ୍ଦ୍ର ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୩୧ତମ ପୁଣ୍ୟତିଥି ଗୋକର୍ଣ୍ଣିକା କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ପ୍ରଫେସର ବିଜୟ କୁମାର ଶତପଥୀ ମୁଖ୍ୟଅତିଥିଭାବେ ଯୋଗଦେଇ ଉପେନ୍ଦ୍ର ପ୍ରଚଣ୍ଡ ଜ୍ଞାନ ଓ ମହତ ଗୁଣର ଅଧିକାରୀ ଥିଲେ ବୋଲି କହିଥିଲେ। ତାଙ୍କ ରଚିତ ଗ୍ରନ୍ଥାବଳୀ କାଳଜୟୀ ହୋଇ ରହିବ ବୋଲି ସେ ପ୍ରକାଶ କରିଥିଲେ। ଅନୁଷ୍ଠାନର ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଜିଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି, ସମ୍ମାନିତ ବକ୍ତା ଭାବେ କବି ସଂଗ୍ରାମ କେଶରୀ ଜେନା ଯୋଗଦେଇ ପଣ୍ଡିତ ତ୍ରିପାଠୀ ସାଧାରଣ ଜନତାଙ୍କ ସୀମା ମଧ୍ୟରେ ଜୀବନ କାଳରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ସକ୍ଷମ ହୋଇଥିଲେ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ବକ୍ତା ଡ. ସସ୍ମିତା ଦାଶ ଯୋଗଦେଇ ଉପେନ୍ଦ୍ର ଶିଶୁଙ୍କ ସ୍ୱପ୍ନ, କଳ୍ପନା ଓ ଅଭିଳାଷାକୁ ବଢ଼ାଇବାରେ ଅସାଧାରଣ ବ୍ୟକ୍ତିତ୍ୱ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଇନ୍ଦୁପ୍ରଭା ସାମଲ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ବିଜୟ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଗୋକର୍ଣ୍ଣିକା ସମ୍ପାଦକ ମଣ୍ଡଳୀର ସଦସ୍ୟ ତୁହିନାଂଶୁ ରଥ, ମହେଶ୍ୱର ପାଢ଼ୀ ପଣ୍ଡିତଙ୍କ ରଚନାରୁ କବିତା ଆବୃତ୍ତି କରିଥିଲେ। ପୂର୍ବତନ ସମ୍ପାଦକ ହୃଷୀକେଶ ନାୟକ ଧନ୍ୟବାଦ ଦେଇଥିଲେ।

# ପୁସ୍ତକ ଜୀବନକୁ ଅନ୍ଧାରରୁ ଆଲୋକକୁ ନେଇଯାଏ

## ୧୫ତମ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ ଉଦ୍‌ଘାଟିତ

ଯାଜପୁରଟାଉନ,୨୩।୧୨
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

୧୫ତମ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ କୁସୁମା ସମ୍ମୁଖ ପ୍ରଶାସନିକ ଭବନ ପଡ଼ିଆରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ପୁସ୍ତକ ମହୋତ୍ସବର ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାର ଯାଜପୁର ଜିଲାପାଳ ଅମ୍ବର କୁମାର କର ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ପୁସ୍ତକ ଜୀବନକୁ ଅନ୍ଧାରରୁ ଆଲୋକକୁ ନେଇଯାଏ ବୋଲି କହିଥିଲେ। ଅନନ୍ୟା ସାହିତ୍ୟ ସଂସଦର ସହ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାମଲ ସ୍ତୋତ୍ରପାଠ କରିଥିବାବେଳେ ଉପସଭାପତି ବିଭୂତିଭୂଷଣ ମହାପାତ୍ର ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ସଂଗଠନ ସମ୍ପାଦକ ହୃଷୀକେଶ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂପାଦକ କାହ୍ନୁଚରଣ ମିଶ୍ର ପୁସ୍ତକ ମହୋତ୍ସବ ସମ୍ପର୍କରେ ବିଶଦ୍ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଯାଜପୁରର ବିଶିଷ୍ଟ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ସାମଲ ଯୋଗଦେଇ ପୁସ୍ତକ ମହୋତ୍ସବ ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀଙ୍କଠାରୁ ଆରମ୍ଭକରି ସମସ୍ତଙ୍କର ବୌଦ୍ଧିକ ବିକାଶରେ ସହାୟକ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତାଭାବେ ଶିକ୍ଷାବିତ ପଣ୍ଡିତ ଭୂପତିଭୂଷଣ ଯୋଗଦେଇ ପୁସ୍ତକ ସମସ୍ତଙ୍କ ବନ୍ଧୁ, ପୁସ୍ତକ ଚାଟଶାଳୀଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସବୁଠାରେ ଆବଶ୍ୟକ। ପୁସ୍ତକ ମଣିଷର ଜୀବନକୁ ଅନ୍ଧାରରୁ ଆଲୋକକୁ ନେଇଯାଏ ବୋଲି ବକ୍ତବ୍ୟ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅନନ୍ୟାର ଉପଦେଷ୍ଟା ତଥା ପ୍ରାକ୍ତନ ଅଧ୍ୟକ୍ଷ ଉଦୟନାଥ ପରିଡ଼ା, ବିରଞ୍ଚିନାରାୟଣ ମହାପାତ୍ର, ସାମାଜିକ କର୍ମୀ ପଦ୍ମାକର ଗୁରୁ, ଶିକ୍ଷାବିତ ଦଶରଥ ସାମଲ, ଶିକ୍ଷାବିତ୍ ବିନୋଦ ଚନ୍ଦ୍ର ନାୟକ ଯୋଗଦେଇ ପୁସ୍ତକକୁ ସାରା ବିଶ୍ୱରେ ଜ୍ଞାନର ଉପଯୋଗିତା କ୍ଷେତ୍ରରେ ସର୍ବଶ୍ରେଷ୍ଠ ଆୟୁଧ ବୋଲି ବର୍ଣ୍ଣନା କରିବା ସହ ନିରକ୍ଷରକୁ ସ୍ୱାକ୍ଷର କରିବାରେ ଏହାର ଯଥେଷ୍ଟ ଗୁରୁତ୍ୱ ରହିଛି ବୋଲି ବର୍ଣ୍ଣନା କରିଥିଲେ। ଆହ୍ୱାନ ନାଟ୍ୟସଂସ୍ଥା ପକ୍ଷରୁ ବିଶ୍ୱଜିତ ସାହୁଙ୍କ ନେତୃତ୍ୱରେ 'ବନ୍ଦେ ଉତ୍କଳ ଜନନୀ'ଗାନ କରାଯାଇଥିଲା। କୋରାପୁଟର ଆଦର୍ଶ ଅଦାବିବାସୀ ନୃତ୍ୟକଳା ସଂସ୍ଥା ପକ୍ଷରୁ କୁଳମଣି ଜେନାଙ୍କ ନେତୃତ୍ୱରେ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା। ମଞ୍ଚାସୀନ ଅତିଥିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଥିଲା। ନୃତ୍ୟଶିଳ୍ପୀ ଯାଜ୍ଞସେନୀ ବାରିକ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଉତ୍ସବରେ ଗଣମାଧ୍ୟମ ସଂଯୋଜକ ଆଦିତ୍ୟ ମହାନ୍ତି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଅଶୋକ ଦାଶ, ଅଧ୍ୟକ୍ଷ ଅନିଲ ମହାନ୍ତି, ସୁଧାଂଶୁ ଶେଖର ରଥ, ଅଧ୍ୟକ୍ଷ ବଳରାମ ମହାନ୍ତି, ସନ୍ତୋଷ ମିଶ୍ର, ହରିଶ ଚନ୍ଦ୍ର ପଣ୍ଡା, ଗିରିଶ ବିହାରୀ ମିଶ୍ର, ତପନ କୁମାର ମହାରଣ୍ୟ ପ୍ରମୁଖ ଯୋଗଦେଇଥିଲେ। ଖବରଦାତା ମନୀଷା ରାଉତ ସାଂସ୍କୃତି କାର୍ଯ୍ୟକ୍ରମ ପରିଚାଳାନ କରିଥିଲେ। ସୁବାସ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।



ପୁସ୍ତକ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

# ସରକାରୀ ଶିକ୍ଷା ବ୍ୟବସ୍ଥାର ସଙ୍କୋଚନ ବନ୍ଦ ହେଉ

## କନିକା ସରକାରୀ ଉଚ୍ଚ ବିଦ୍ୟାଳୟ ହୀରକ ଜୟନ୍ତୀ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା


ହୀରକ ଜୟନ୍ତୀ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

**ରାଜକନିକା, ୨୩।୧୨(ସଞ୍ଜୟ କୁମାର ଦାଶ)**

ସରକାରୀ ଶିକ୍ଷା ବ୍ୟବସ୍ଥାର ସଙ୍କୋଚନ ବନ୍ଦ ହେବା ସହ ଘରୋଇ ସ୍କୁଲମୁହାଁ ଆମ ଭବିଷ୍ୟତ ପିଢ଼ିକୁ ରୋକିବାକୁ ସାଧାରଣରେ ପ୍ରୟାସ ହେବା ଉଚିତ ବୋଲି ମଙ୍ଗଳବାର ଆୟତନ କନିକା ସରକାରୀ ଉଚ୍ଚ ବିଦ୍ୟାଳୟ ହୀରକ ଜୟନ୍ତୀ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଆହ୍ୱାନ ଦେଇଛନ୍ତି। ସ୍ୱପ୍ନ, ସାଧନା, ସିଦ୍ଧି, ସମର୍ପଣର ଭାବରେ ବିହ୍ୱଳିତ ସ୍ମୃତି-ମିଳନର ମହାପର୍ବ ଏହି ହୀରକ ଜୟନ୍ତୀ ସାଧାରଣରେ ବେଶ୍ ପ୍ରଭାବଶାଳୀ ହୋଇପାରିଛି ବୋଲି ଅନୁଷ୍ଠିତ ସାଧାରଣ ସଭାରେ କଂଗ୍ରେସ ନେତୃତ୍ୱମାନେ ମତବ୍ୟକ୍ତ କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ପୁରାତନ ଛାତ୍ର ଗୁରୁଚରଣ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ମୁଖ୍ୟବକ୍ତା ଭାବେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ସମ୍ମାନିତ ଅତିଥି କେନ୍ଦ୍ରାପଡ଼ା ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ, କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ସଭାପତି ତଥା ଆଳି ନିର୍ବାଚନମଣ୍ଡଳୀ ନେତ୍ରୀ ଡା. ଦେବସ୍ମିତା ଶର୍ମା, ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ଗୋବିନ୍ଦ ଦାଶ ଯୋଗଦେଇ ଏହି ଉଚ୍ଚ ବିଦ୍ୟାଳୟର ଯଶ ଊର୍ଦ୍ଧ୍ୱକୁ ନେବାକୁ ଆହ୍ୱାନ ଦେଇଥିଲେ। ପୁରାତନ ଛାତ୍ର ଗୟାଧର ଧଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ହୀରକ ଜୟନ୍ତୀ ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନରେ ପୁରାତନ, ଦିବଙ୍ଗତ ଶିକ୍ଷକ, କର୍ମଚାରୀ, ପ୍ରଥମ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅଧିବେଶନରେ ପ୍ରବକ୍ତା ଭାବେ ଡ. ନିରଞ୍ଜନ ପାଢ଼ୀ ସାମାଜିକ ବାର୍ତ୍ତା ପ୍ରେରଣ କରିଥିଲେ। ପୁରାତନ ଛାତ୍ର ସଂସଦର ସଭାପତି ବାଞ୍ଛାନିଧି ସୂତାର, ସମ୍ପାଦକ ନବକିଶୋର ସୂତାରଙ୍କ ସମେତ ପୁରାତନ ଛାତ୍ର ସଂସଦର ପରିଚାଳନା କମିଟି ଓ ବିଭିନ୍ନ ବ୍ୟାଚ୍‌ର ବହୁ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ହୋଇ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସନ୍ଧ୍ୟାରେ କଟକର ମେଲୋଡି ଗ୍ରୁପ୍‌ର ବହୁ ସ୍ୱନାମଧନ୍ୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମରେ ଭରପୂର ମନୋରଞ୍ଜନ କରିଥିଲେ।

# ଓଡ଼ିଶାକୁ ଗୌରବାନ୍ୱିତକଲେ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର


ମହାରାଷ୍ଟ୍ରର ପୁଣେଠାରେ କଳା ମହୋତ୍ସବରେ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଡେରାବିଶ, ୨୩।୧୨ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ୍ କୁରୁଜଙ୍ଗାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ରାଷ୍ଟ୍ରୀୟ କଳା ମହୋତ୍ସବରେ ଭାଗନେଇ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ୨୦।୧୨।୨୫ଠାରୁ ୨୪।୧୨।୨୫ ପର୍ଯ୍ୟନ୍ତ ମହାରାଷ୍ଟ୍ରର ପୁଣେସ୍ଥିତ ଯଶୋବନ୍ତ ରାଓ ବଛନ ଏକାଡେମୀଠାରେ ରାଷ୍ଟ୍ରୀୟସ୍ତରୀୟ କଳା ମହୋତ୍ସବ ଅନୁଷ୍ଠିତ ହେଉଛି। ଉକ୍ତ କଳା ଉତ୍ସବରେ ଦେଶର ବିଭିନ୍ନ ରାଜ୍ୟରୁ ରାଷ୍ଟ୍ରୀୟସ୍ତରକୁ ଉନ୍ନୀତ ହୋଇଥିବା ବହୁ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ତେବେ ଦଳଗତ ଲୋକନୃତ୍ୟରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ କୁରୁଜଙ୍ଗାସ୍ଥିତ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅନ୍ୟ ରାଜ୍ୟର ପ୍ରତିଯୋଗୀଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାରକରି ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଦଳଗତ ନୃତ୍ୟରେ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀଛାତ୍ର ଯାଜ୍ଞସେନୀ ବେହେରା, କ୍ରିଷ୍ଣପ୍ରିୟା ପରିଡ଼ା, ଦିବ୍ୟପ୍ରକାଶ ରାଉତ ଓ କୁମାର ଅର୍ଣ୍ଣବ ଭାଗ ନେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ ତଥା ନୃତ୍ୟ ସଂଯୋଜକ ସେକ ନିୟାଜୁଦ୍ଦିନ, ଆଦର୍ଶ ବିଦ୍ୟାଳୟର ଅଧକ୍ଷ ପ୍ରିୟବ୍ରତ ସ୍ୱାଇଁ, ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଖୁସିବ୍ୟକ୍ତ କରିବା ସହ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି। ଏହି ସଫଳତାରେ ଜିଲା ପ୍ରଶାସନ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ୨ ଧାନଗଦାରେ ନିଆଁ ଲଗାଇଲେ ଦୁର୍ବୃତ୍ତ

■ ୨ ଶହ ବସ୍ତା ଧାନ ଜଳିଗଲା
■ ଥାନାରେ ଲିଖିତ ଅଭିଯୋଗ


ପଲ୍ଲୀଗଡ଼-ପିତାପାଟ ସଂଲଗ୍ନ ନାହାକ କନ୍ଧାରେ ଜଳିଯାଇଥିବା ଧାନ ଗଦା।

**ମହାକାଳପଡ଼ା, ୨୩।୧୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ରାମନଗର-ପେଟଛେଲା ପଞ୍ଚାୟତ ସୀମା ପଲ୍ଲୀଗଡ଼-ପିତାପାତ ନାହାକ କନ୍ଧା ଚାଷ ଜମି ଭେଡ଼ାରେ ସୋମବାର ବିଳମ୍ବିତ ରାତିରେ ୨ଟି ଧାନ ଗଦାରେ ଅଗ୍ନିକାଣ୍ଡ ଘଟିଛି। ପିତାପାଟ ଗ୍ରାମର ଅଶୋକ ବିଶ୍ୱାସ ୩ ଏକର ଜମିରେ ଧାନ ଫସଲ ଅମଳକରି ୨ଟା ଗଦା ମାଡ଼ିଥିଲେ। ତେବେ ବିଳମ୍ବିତ ରାତିରେ ଦୁର୍ବୃତ୍ତ ଧାନଗଦାରେ ନିଆଁ ଲଗାଇ ଦେଇଥିଲେ ବୋଲି ଜମ୍ବୁ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିକାଣ୍ଡ ଉପରେ ତଦନ୍ତ ଜାରି ରଖିଛି ବୋଲି କୁହାଯାଇଛି। ଅପରପକ୍ଷରେ ଏହି ଅଗ୍ନିକାଣ୍ଡରେ ୨ ଶହ ବସ୍ତା ଧାନ ଫସଲ ନଷ୍ଟ ହୋଇଥିବା ଚାଷୀ ଅଶୋକ କହିଛନ୍ତି। ଖବରପାଇ ମହାକାଳପଡ଼ା ଅଗ୍ନିଶମ ବାହିନୀର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଧାନ ଗଦା ସମ୍ପୂର୍ଣ୍ଣ ଜଳିଯାଇଛି। କୌଣସି ଦୁର୍ବୃତ୍ତ ଏହି କାଣ୍ଡ ଘଟାଇଥିବାରୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

# ଶିକ୍ଷା ପାଇଁ ଶୃଙ୍ଖଳାର ଆବଶ୍ୟକତା ଅଧିକ

## ଏମ୍‌ପାୱାର ପବ୍ଲିକ୍ ସ୍କୁଲ ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**କେନ୍ଦ୍ରାପଡ଼ା, ୨୩।୧୨(ଜଗନ୍ନାଥ ଧଳ)**

ଅଜ୍ଞାନତାକୁ ଶିକ୍ଷା ମାଧ୍ୟମରେ ଦୂର କରାଯାଏ। ଶିକ୍ଷାର୍ଥୀଙ୍କ ଶୃଙ୍ଖଳିତ ପରିଶ୍ରମ ସଫଳତାକୁ ସ୍ପର୍ଶ କରେ। ଏଥିପାଇଁ ଶିକ୍ଷାନୁଷ୍ଠାନ ସହ ଅଭିଭାବକମାନେ ଶୃଙ୍ଖଳା ଜ୍ଞାନକୁ ଅଧିକ ଧ୍ୟାନ ଦେବା ଆବଶ୍ୟକ ବୋଲି କେନ୍ଦ୍ରାପଡ଼ା ସହର ଗରାପୁରସ୍ଥ ଏମ୍‌ପାୱାର ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବରେ ଅତିଥିମାନେ ମତ ରଖିଥିଲେ। କେନ୍ଦ୍ରାପଡ଼ା ସହର ନିକଟ ଉଦୟନଗରସ୍ଥିତ ଜିଲା ସଂସ୍କୃତି ଭବନଠାରେ ଏହି ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ସ୍କୁଲ ପରିଚାଳନା କମିଟି ନିର୍ଦ୍ଦେଶକ ଗଣେଶ୍ୱର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଶିବାନନ୍ଦ ଆଶ୍ରମ ପରିଚାଳିକା ସ୍ୱାମୀ ଦିବ୍ୟାସ୍ୱପ୍ନାନନ୍ଦ, ଜିଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, ଡା. ଗୌରାଙ୍ଗ ସାମନ୍ତରାୟ, ସୌର ପ୍ରକାଶ ମହାପାତ୍ର, ଖବରଦାତା ପରେଶ ଦାସ, ଯୁବନେତା ପ୍ରସନ୍ନ ପରିଡ଼ା ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ, ପରିଶ୍ରମର ମୂଲ୍ୟ ଶିକ୍ଷାର୍ଥୀଙ୍କ ଜୀବନରେ ଗୁରୁତ୍ୱ ଅଧିକ। ଶିକ୍ଷାମନସ୍କ ହେବା ଶିକ୍ଷାନୁଷ୍ଠାନର କର୍ତ୍ତବ୍ୟ ହୋଇଥିବା ବେଳେ ଶୃଙ୍ଖଳା ଜ୍ଞାନ ଦେବା ଅଭିଭାବକଙ୍କ ଉତ୍ତରଦାୟିତ୍ୱ। ଏହି ପବ୍ଲିକ୍ ସ୍କୁଲରେ ଏସବୁ ଦେଖିବାକୁ ମିଳୁଛି। ଶିକ୍ଷାର୍ଥୀଙ୍କ ଜୀବନକୁ ସହଜ ଓ ସରଳ ପାଇଁ ଏଠାରେ ଭରପୂର ଉଦ୍ୟମ ହେଉଥିବା ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ କୃତୀ ଶିକ୍ଷାର୍ଥୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ସ୍କୁଲ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଆୟୋଜନ ହୋଇଥିଲା। ଶିକ୍ଷୟିତ୍ରୀ ମୋନାଲିସା ସାହୁଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀମାନେ ଉତ୍ସବକୁ ପରିଚାଳନା କରିଥିଲେ।

# ଦେସାହି ସମବାୟ ସମିତି ଘେରିଲେ ଚାଷୀ


ପାକ୍ସକୁ ଚାଷୀମାନେ ଘେରାଉ କରିଛନ୍ତି।

**ଆଳି, ୨୩।୧୨(ବନମାଳୀ ସେନାପତି)**

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଦେସାହି ସମବାୟ ସମିତି(ପାକ୍ସ)ରେ ହେଉଥିବା ଦୁର୍ନୀତି ବିରୋଧରେ ଚାଷୀମାନେ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ଏହି ପାକ୍ସ କାର୍ଯ୍ୟାଳୟ ପୂର୍ବରୁ ଦେସାହିଠାରେ ଚାଲୁଥିବାବେଳେ ଏହା ଏବେ ଏରଡ଼ଙ୍ଗକୁ ସ୍ଥାନାନ୍ତର ହୋଇଯାଇଛି। ଫଳରେ ପାକ୍ସ କର୍ମଚାରୀ ମନୋମୁଖି ଭାବେ କାର୍ଯ୍ୟ କରୁଛନ୍ତି। ଚାଷୀମାନଙ୍କ ଅଗୋଚରରେ ଲକ୍ଷାଧିକ ଟଙ୍କା ଋଣ କରୁଥିବାବେଳେ ପ୍ରକୃତ ଚାଷୀଙ୍କୁ ଋଣ ଦେବାରେ ପାତରଅନ୍ତର କରୁଛନ୍ତି। ଋଣ ପାଇଁ ସମବାୟ କାର୍ଯ୍ୟାଳୟକୁ ଚାଷୀଟିଏ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିବାବେଳେ ଦଲାଲ ସାହାଯ୍ୟରେ ଯେଉଁ ଚାଷୀ ହାତଗୁଞ୍ଜା ଦେଉଛି ସେମାନଙ୍କୁ ଋଣ ଯୋଗାଇ ଦିଆଯାଉଥିବା ଅଭିଯୋଗ ଆଣିଛନ୍ତି। ଚାଷୀମାନେ ଦେସାହିରୁ ୫ କିଲୋମିଟର ଦୂରରେ ଥିବା ଦେସାହି ପାକ୍ସକୁ କୌଣସି କାମ ନେଇଗଲେ ସେଠାରେ କର୍ମଚାରୀଙ୍କ ଦେଖା ମିଳୁନାହିଁ। ଫଳରେ ଚାଷୀମାନେ ନିରାଶ ହୋଇ ଫେରୁଛନ୍ତି। ଚାଷୀମାନଙ୍କ ନିମନ୍ତେ ସମବାୟ ମାଧ୍ୟମରେ ସରକାରୀ ସହାୟତା ଆସୁଥିବା ବେଳେ ଏହାକୁ ହଡ଼ପ କରାଯାଉଥିବା ଅଭିଯୋଗ ହୋଇଛି। ଚାଷୀମାନେ ସମବାୟରୁ କୌଣସି ସେବା ନ ପାଇ ନିରାଶ ହେଉଛନ୍ତି। ତୁରନ୍ତ ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଏଥିପ୍ରତି ଦୃଷ୍ଟି ଦିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ନିରାଶ୍ରୟା ସୁଭଦ୍ରାଙ୍କୁ ଗୃହପ୍ରବେଶ କରାଇଲେ ଜିଲାପାଳ

## କମଳ, ଶୀତବସ୍ତ୍ର, ଚାଦର, ଟାର୍ଜ ଟର୍ଚ୍ଚ ପ୍ରଦାନ

**ପାଟକୁରା, ୨୩।୧୨(ରବୀନ୍ଦ୍ର ନାଥ ବାରିକ)**

ଗରଦପୁର ବ୍ଲକ ଅଞ୍ଚଳକୁ ଗସ୍ତରେ ଆସିଥିବା କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର୍. ଆୟାର ସୋମବାର କୋରୁଆ ଗ୍ରାମରେ ଜଣେ ନିରାଶ୍ରୟା ବୃଦ୍ଧା ସୁଭଦ୍ରା ଦାସ(୮୦)ଙ୍କୁ ଗୃହ ପ୍ରବେଶ କରାଇଛନ୍ତି। ଜିଲାପାଳ ସୁଭଦ୍ରାଙ୍କୁ ଗୋଟିଏ କମଳ, ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ଚାଦର, ବିଡିଓ ଆଲୋକ କୁମାର ସେଠୀ ସୁଭଦ୍ରଙ୍କୁ ଗୋଟିଏ ଟର୍ଚ୍ଚ ଲାଇଟ ଦେଇଥିଲେ। ସାନଅଡଙ୍ଗା ପଞ୍ଚାୟତ ଅଧୀନ କୋରୁଆ ଗ୍ରାମର ସୁଭଦ୍ରା ଦାସ ଜଣେ ନିରାଶ୍ରୟା ବୃଦ୍ଧା। ନିଜର ଘର ନ ଥିଲା ଭଙ୍ଗା କୁଡ଼ିଆ ଘରେ ରହୁଥିଲା। ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଶାସନ ଘର ଦେବା ପାଇଁ ନିଷ୍ପତ୍ତି କରିଥିଲା। ହେଲେ ବୃଦ୍ଧାଙ୍କ ପାଇଁ କିଏ ଦାୟିତ୍ୱ ନେଇ ଘର କରିବ। ଜିଲାପାଳଙ୍କ ନିର୍ଦ୍ଦେଶରେ ଗରଦପୁର ବ୍ଲକ ପ୍ରଶାସନ ଟିକେ ଆଗକୁ ଆସି ସୁଭଦ୍ରାଙ୍କ ପାଇଁ ଘରଟିଏ ତିଆରି କରିଦେଲେ। ସେଇ ଘରକୁ ଜିଲାପାଳ ଆୟାର ବ୍ଲକ ଅଞ୍ଚଳକୁ ଗସ୍ତରେ ଆସିଥିବାବେଳେ ସୁଭଦ୍ରାଙ୍କୁ ଗୃହ ପ୍ରବେଶ କରାଇଥିଲେ। ପ୍ରଶାସନର ଏଭଳି ମହନୀୟତାକୁ ସାଧାରଣରେ ଖୁବ୍ ପ୍ରଶଂସା କରାଯାଉଛି। ଏଥିରେ ସୁଭଦ୍ରା ବହୁତ ଖୁସି ବ୍ୟକ୍ତ କରିଛନ୍ତି। ସେ ଜିଲାପାଳଙ୍କୁ କଲ୍ୟାଣ କରିଛନ୍ତି। ସେଠାରେ ସ୍ଥାନୀୟ ସରପଞ୍ଚ ଅଭୟ ମଲ୍ଲ, କାର୍ଯ୍ୟନିର୍ବାହୀ ଅଧିକାରୀ ଚୈତନ୍ୟ ପ୍ରସାଦ ବିଶ୍ୱାଳ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶରତ କୁମାର ସାହୁ, କନିଷ୍ଠ ଯନ୍ତ୍ରୀ ଉପେନ୍ଦ୍ର ଦାଶ, ସମିତି ସଭ୍ୟା ସୌଦାମିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳ ରଘୁରାମ ଆର୍. ଆୟାରଙ୍କ ନିକଟରେ ସୁଭଦ୍ରା ବସିଛନ୍ତି।

# ଶ୍ରୀନିବାସ ରାମାନୁଜନଙ୍କ ଗଣିତକୁ ଅବଦାନ ଅତୁଳନୀୟ

## ପଞ୍ଚାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର


ଗଣିତ ଦିବସରେ ଅତିଥିଙ୍କ ଗହଣରେ ପିଲାମାନେ।

**ପଞ୍ଚାମୁଣ୍ଡାଇ, ୨୩।୧୨(କଳ୍ପତରୁ ନାୟକ)**

ଭାରତର ପ୍ରଖ୍ୟାତ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ପୁଣ୍ୟ ଜନ୍ମତିଥି ଅବସରରେ ପଞ୍ଚାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସୋମବାର ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ବିଦ୍ୟାମନ୍ଦିରର ସହପ୍ରଧାନ ଆଚାର୍ଯ୍ୟ ପ୍ରଦୀପ ସାହୁଙ୍କ ସଭାପତିତ୍ୱରେ ଅୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ଶ୍ରୀନିବାସ ରାମାନୁଜନ ହେଉଛନ୍ତି ଜଣେ ଭାରତୀୟ ଗଣିତଜ୍ଞ ଯିଏ କୌଣସି ବିଧିବଦ୍ଧ ପ୍ରଶିକ୍ଷଣ ବିନା ଗଣିତ କ୍ଷେତ୍ରରେ ନିଜର ଦୁର୍ମୂଲ୍ୟ ଅବଦାନ ପାଇଁ ପ୍ରସିଦ୍ଧ ହୋଇଛନ୍ତି। ଗାଣିତିକ ବିଶ୍ଳେଷଣ, ସଂଖ୍ୟା ତତ୍ତ୍ୱ ଅସୀମ ଶ୍ରେଣୀ ଓ ଧାରାବାହିକ ବିଭକ୍ତି ଆଦି ଗାଣିତିକ ବିଷୟରେ ଅଦ୍ୱିତୀୟ ଅବଦାନ ଛାଡି ଯାଇଛନ୍ତି। ଜୀବନ କାଳ ମଧ୍ୟରେ ରାମାନୁଜନ ଅନେକ ଅସମାହିତ ଗାଣିତିକ ସମସ୍ୟାର ସରଳ ସମାଧାନ କରିଛନ୍ତି। ସେ ୩,୯୦୦ଟି ସମୀକରଣ ଓ ଅଭେଦର ସମାଧାନ କରି ଗାଣିତିକ ଫଳ ବାହାର କରିଥିଲେ। ସବୁଠୁ ବଡ଼ କଥା ହେଉଛି କି ଏଥିରୁ ଅର୍ଦ୍ଧାଧିକ ଫଳାଫଳ ରାମାନୁଜନଙ୍କ ନିଜସ୍ୱ ଓ ସ୍ୱତନ୍ତ୍ର। ଏଥିରେ ରାମାନୁଜନ ମୌଳିକ, ରାମାନୁଜନ ଥିଟା ଫଳନ ଓ କୃତ୍ରିମ ଥିବା ଫଳନ ପରି ଉଚ୍ଚ କୋଟୀର ଅଣ ପାରମ୍ପାରିକ ଫଳାଫଳ ରହିଛି ବୋଲି ସେ କହିଥିଲେ। ବିଦ୍ୟାମନ୍ଦିରର ସଭାପତି ପ୍ରମୋଦ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାମାନୁଜଙ୍କ ଜୀବନୀ ସହିତ ଗଣିତର ଆବଶ୍ୟକତା ଉପରେ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାମନ୍ଦିରର ଗଣିତ ପ୍ରମୁଖ କ୍ଷୀରୋଦ ଦାଶ ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟ ପରିସରରେ ଗଣିତ ଆଧାରିତ ବିଭିନ୍ନ ବିଭାଗରେ ପ୍ରତିଯୋଗିତା ହେବା ସହ ଗଣିତ ହାଟ ଓ ଦୋକାନ ମୁଖ୍ୟ ଆକର୍ଷଣ ଥିଲା। ଏଥିରେ ପ୍ରାୟ ୪୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉଦ୍‌ଯାପନୀ ସଭାରେ ବିଧ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରଭାତ କିଶୋର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହେଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଡା. ଅଲେଖ ଶର୍ମା ଏବଂ ବିଦ୍ୟାଳୟର ପରିଚାଳନା ସମିତିର ସମ୍ପାଦକ ମୁଖ୍ୟ ବକ୍ତା ଭାବେ ଶ୍ରୀଧର ରାଉତ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗୁରୁମାଗୁରୁଜୀ ଓ କର୍ମଚାରୀମାନେ ପରିଚାଳନା କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଧର୍ମ


@ ଶିବ


@ ସିଦ୍ଧାର୍ଥ


@ ସ୍ମୃତି


@ ଅକ୍ଷୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଖବରଦାତାଙ୍କୁ ନ୍ୟାୟ ପାଇଁ ଏସ୍‌ୟୁଜେର ଦାବି

**କେନ୍ଦ୍ରାପଡ଼ା, ୨୩।୧୨(ଜଗନ୍ନାଥ ଧଳ)**

ରାଜ୍ୟ ସାମ୍ବାଦିକ ସଂଘ(ଏସ୍‌ୟୁଜେ)ର କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ଖବରଦାତା ରାଜୁ ଦାସଙ୍କ ଆକ୍ରମଣ ଘଟଣାର ବିରୋଧ କରାଯାଇଛି। ଆକ୍ରମଣକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲା ସଭାପତି ଦଇତାରୀ ଜେନାଙ୍କ ନେତୃତ୍ୱରେ ଏସ୍‌ପିଙ୍କୁ ଦାବିପତ୍ର ଦିଆଯାଇଛି। ଆଲୋଚନା ପରେ ଏସ୍‌ପି ସିଦ୍ଧାର୍ଥ କାଟାରିଆ କହିଛନ୍ତି, ଏହି ମାମଲାକୁ ନିଜେ ତଦନ୍ତ କରି ନ୍ୟାୟ ପ୍ରଦାନ କରାଯିବ। ଏ ସମ୍ପର୍କରେ ସଭାପତି ଜେନା କହିଛନ୍ତି, କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ରାମନଗର ଗ୍ରାମର ଖବରଦାତା ରାଜୁଦାସ ଗତ ୨୦ ତାରିଖରେ ପେଟ୍‌ଛେଲା ଗ୍ରାମରେ ଅପରାହ୍ନରେ ଏକ ଜମି ବିବାଦ ଘଟଣାରେ ଉଭୟ ପକ୍ଷର ଖବର ସଂଗ୍ରହ କରୁଥିଲେ। ଏହି ଖବର ସଂଗ୍ରହକୁ ବିରୋଧକରି କେତେଜଣ ବ୍ୟକ୍ତି ତାଙ୍କୁ ମରଣାନ୍ତକ ଆକ୍ରମଣ ସହ ସୁନାଚେନ୍ ଛଡ଼ାଇ ନେଇଛନ୍ତି। ଏହି ଘଟଣାକୁ ଥାନାରେ ଅଭିଯୋଗ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା। ମାତ୍ର ଥାନା କର୍ତ୍ତୃପକ୍ଷ ନୀରବତା ଅବଲମ୍ବନ କରିବା ସହ ଆକ୍ରମଣକାରୀଙ୍କୁ ଖବରଦାତାଙ୍କ ବିରୋଧରେ ଏକ ମାମଲା କରିବା ପାଇଁ ପ୍ରୋତ୍ସାହିତ କରିଛନ୍ତି। ଖବରଦାତାଙ୍କ ସୁରକ୍ଷାରେ ଆଞ୍ଚ୍ ଆସିଲେ ଏସ୍‌ୟୁଜେ ଚୁପ୍ ହୋଇ ବସିରହିବ ନାହିଁ ବୋଲି ସଭାପତି ଜେନା କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଏସ୍‌ୟୁଜେର କର୍ମକର୍ତ୍ତା ସଞ୍ଜୟ ପଣ୍ଡା, ଉପେନ୍ଦ୍ର ନାୟକ, ଶିଶିର ସେଣ, ଦୁଷ୍ମନ୍ତ ଆଚାର୍ଯ୍ୟ, ସୁବାସ ସ୍ୱାଇଁ, ପ୍ରମୋଦ ଜେନା ପ୍ରମୁଖ ସାମିଲ ଥିଲେ।


ଖବରଦାତାମାନେ ଏସ୍‌ପି ସିଦ୍ଧାର୍ଥ କାଟାରିଆଙ୍କୁ ଦାବିପତ୍ର ଦେଉଛନ୍ତି।

# ପଠାଣି ସାମନ୍ତଙ୍କ ଜୟନ୍ତୀ ଉତ୍ସବ ଆଜି

ଖଣ୍ଡପଡ଼ା, ୨୩।୧୨ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ମାଟିରେ ଜନ୍ମଗ୍ରହଣକରି ସମଗ୍ର ବିଶ୍ୱବାସୀଙ୍କୁ ଜ୍ୟୋତିର୍ବିଜ୍ଞାନ ସମ୍ପର୍କରେ ଦିଗ୍‌ଦର୍ଶନ ଓ ପ୍ରେରଣା ଦେଇଥିବା ବିଶ୍ୱବିଖ୍ୟାତ ଜ୍ୟୋତିର୍ବିଦ ପଠାଣି ସାମନ୍ତଙ୍କ ୧୯୧ ତମ ଜୟନ୍ତୀ ଉତ୍ସବ ବୁଧବାର ଖଣ୍ଡପଡ଼ାସ୍ଥିତ ପଠାଣି ସାମନ୍ତ ସ୍ମୃତିମନ୍ଦିର ଓ ପାଠାଗାର ପରିସରରେ ପାଳନ ହେବ। ଏହି ପରିପ୍ରେକ୍ଷୀରେ ସ୍ମୃତିମନ୍ଦିର ପରିସରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଅନୁଷ୍ଠାନ ସମ୍ପାଦକ ବିନାୟକ ସାହୁଙ୍କଠାରୁ ପ୍ରକାଶ।

# କାମ ନ କରି ଡିସେମ୍ବର ଦରମା କରାଯିବାକୁ ମସୁଧା

ନୟାଗଡ଼, ୨୩।୧୨ (ଲୋକନାଥ ମିଶ୍ର)

- ଉଦୟପୁର ପ୍ରାଥମିକ ବିଦ୍ୟାଳୟରେ ୨ ପ୍ରଧାନ ଶିକ୍ଷକ
- ପ୍ରଧାନ ଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକଙ୍କୁ ଅନୁକମ୍ପା

ନୟାଗଡ଼ ବ୍ଲକ ଉଦୟପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଚାଉଳ ବିକ୍ରି ଘଟଣାର ତଦନ୍ତ ହୋଇଥିଲେ ମଧ୍ୟ ଏହାକୁ ରଫାଦଫା କରିବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଛି। ଚାଉଳ ଚୋରି ଘଟଣା ୨୩ ଦିନ ବିତିବାକୁ ବସିଥିବାବେଳେ ତଦନ୍ତ ନାଁରେ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କରିଚାଲିଛି। ବିଳମ୍ବ ପଛର କାରଣ ଘଟଣାକୁ ରଫାଦଫା ପାଇଁ ସମୟ ଦିଆ ହେଉଛି ବୋଲି ଅଭିଯୋଗ ରହିଛି। ଅନ୍ୟପକ୍ଷେ ଡିସେମ୍ବର ୨୦ ସୁଦ୍ଧା ଶିକ୍ଷକମାନଙ୍କର ଦରମା ବିଲ୍ ଯାଉଥିବା ବେଳେ କାମ ନ କରି ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ଦାଶ ଓ ସହକାରୀ ଶିକ୍ଷକ ମନୋଜ କୁମାର ସାହୁଙ୍କ ଦରମା କରାଯିବାକୁ ମସୁଧା ଚାଲିଛି ବୋଲି ଅଭିଯୋଗ ଉଠିଛି। ଉଦୟପୁର ସ୍କୁଲରେ ଯଦିଓ ୨ଜଣ ଶିକ୍ଷକ କାର୍ଯ୍ୟରେ ଯୋଗଦେଇ ସାରିଛନ୍ତି ତେବେ ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ଦାଶ ଓ ସହକାରୀ ଶିକ୍ଷକ ମନୋଜ କୁମାର ସାହୁଙ୍କୁ ଏଯାବତ ଅନ୍ୟ ସ୍କୁଲକୁ ବଦଳି କିମ୍ବା ନିଲମ୍ବନ କରାଯାଇନାହିଁ। ଏଥିରୁ ଜଣାପଡେ ଉଦୟପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୨ଜଣ ପ୍ରଧାନ ଶିକ୍ଷକ ଥିବାବେଳେ ଜଣେ କାମ କରୁଛନ୍ତି ଓ ଅନ୍ୟ ଜଣେ କରୁ ନାହାନ୍ତି। ସେହିଭଳି ୫ ଶିକ୍ଷକଙ୍କ ମଧ୍ୟରୁ ୪ଜଣ କାମ କରୁଥିବା ବେଳେ ଜଣେ ଡ୍ୟୁଟି କରୁନାହାନ୍ତି। ଯଦି ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ଦାଶ ଓ ସହକାରୀ ଶିକ୍ଷକ ମନୋଜ କୁମାର ସାହୁ ଡ୍ୟୁଟି କରୁନାହାନ୍ତି କି ବିଦ୍ୟାଳୟରୁ ରିଲିଭ କରାଯାଇନାହିଁ ତେବେ ଉଭୟଙ୍କ ପାଇଁ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଅନୁକମ୍ପା କାହିଁକି। ଅନ୍ୟପକ୍ଷେ ଯଦିଓ ସେମାନେ ସିଏଲ୍ ନେଇଥିବେ ତାଙ୍କୁ କାହିଁକି ଏତେଦିନ ଧରି ସିଏଲ୍ ଦିଆଯିବା ପଛର କାରଣ କ'ଣ ହୋଇପାରେ।

ପ୍ରକାଶଯେ, ମଧ୍ୟାହ୍ନଭୋଜନର ଚାଉଳ ଚୋରି ଘଟଣା ଜଣାପଡିବା ପରେ ଗତ ୧ ତାରିଖରେ ଉଦୟପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଉତ୍ତେଜନା ଦେଖାଦେଇଥିଲା। ଗାଁଲୋକ ଫାଟକରେ ତାଲା ପକାଇ ପାଠପଢ଼ା ବନ୍ଦ କରାଇବା ସହ ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ଦାଶ ଓ ସହକାରୀ ଶିକ୍ଷକ ମନୋଜ କୁମାର ସାହୁଙ୍କୁ ନିଲମ୍ବନ ଦାବି କରିଥିଲେ। ଏନେଇ ବ୍ଲକ ଶିକ୍ଷା ଅଧିକାରୀ ଉମାକାନ୍ତ ସେଠୀଙ୍କୁ ପଚାରିବାରୁ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ଓ ସହକାରୀ ଶିକ୍ଷକ ମନୋରଞ୍ଜନଙ୍କର ବଦଳି ହୋଇନାହିଁ। ଘଟଣା ସମାଧାନ କରାଯିବାର ରହିଛି ବୋଲି କହିଛନ୍ତି।

# ଘରେ ବସି ଦେଖିପାରିବେ ମହୋତ୍ସବ



ବୈଠକରେ ଜିଲାସ୍ତରୀୟ ଅଧିକାରୀ ମହୋତ୍ସବ ସମ୍ପର୍କରେ ସୂଚନା ଦେଉଛନ୍ତି।

ନୟାଗଡ, ୨୩।୧୨ (ଲୋକନାଥ ମିଶ୍ର)

- ଜିଲା ମହୋତ୍ସବରେ ୨୯୦ ଷ୍ଟଲ୍
- ୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ

ନୟାଗଡ଼ ଜିଲା ମହୋତ୍ସବ ଡିସେମ୍ବର ୨୪ ରୁ ଆରମ୍ଭ ହୋଇ ୨୮ ତାରିଖରେ ଶେଷ ହେବ। ଏଥିରେ ୨୯୦ ଷ୍ଟଲ ମଧ୍ୟରୁ ଓର୍‌ମାସର ୧୩୫, ବୁକ୍ ଷ୍ଟଲ ୨୦, କୃଷି ବିଭାଗର ୫୦ ଷ୍ଟଲ, ଖାଦ୍ୟ ଷ୍ଟଲ ୪୦, ଜରୁରିକାଳୀନ ସେବା ପାଇଁ ୫ ଷ୍ଟଲ, ୧୦ ବିଜ୍ଞାପନ ଷ୍ଟଲ, ୩୦ ସରକାରୀ ଷ୍ଟଲ ପାଇଁ ରହିଛି। ଘରେ ବସି ମହୋତ୍ସବର ଦୃଶ୍ୟ ଦେଖିବା ପାଇଁ ୱେବ୍ କାଷ୍ଟିଂ ବ୍ୟବସ୍ଥା କରାଯାଇଛି। ଗତ ବର୍ଷର ସଫଳତା ମିଳିବା ପରେ ଚଳିତ ବର୍ଷ ଏହାକୁ ବ୍ୟାପକ କରାଯାଇଛି। ଏଥିପାଇଁ ୭୦ ଲକ୍ଷ ବ୍ୟୟ ଅଟକଳ ରହିଥିବା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ ନୟାଗଡ ପୁରୁଣା ସହରର ଜଗନ୍ନାଥ ମନ୍ଦିରଠାରୁ ଷ୍ଟାଡିୟମ ଓ ନୟାଗଡ ପିଟିଏସ୍‌ଠାରୁ ଷ୍ଟାଡିୟମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଓ ଆଲୋକୀକରଣ କାର୍ଯ୍ୟ ମିଶନ ମୋଡ୍‌ରେ ଶେଷ ହୋଇଛି। ୫ଦିନ ଧରି ପୋଲିସ ଓ ଗୃହରକ୍ଷୀ ବାହିନୀ ଆଇନଶୃଙ୍ଖଳା ପାଇଁ ଜଗନ୍ନାଥ ମନ୍ଦିରଠାରୁ ପିଟିଏସ୍ ରାସ୍ତା ପର୍ଯ୍ୟନ୍ତ ମୁତୟନ ହେବେ। ନୟାଗଡ଼ ଷ୍ଟାଡିୟମରେ ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଷ୍ଟଲ ଖୋଲାହେବ। ଗଣମାଧ୍ୟମ ପ୍ରତିନିଧିଙ୍କ ଅନୁରୋଧ ରକ୍ଷାକରି ରାତି ୧୦ଟାରେ କାର୍ଯ୍ୟକ୍ରମ ରାତି ୧୨ଟା ପର୍ଯ୍ୟନ୍ତ କରିବାକୁ ଅନୁମତି ମଗାଯିବ ବୋଲି ଜିଲାପାଳ କହିଛନ୍ତି। ସେହିଭଳି ପିଟିଏସ୍ ପଡ଼ିଆରେ ଦୁଇଚକିଆ ଓ ୪ ଚକିଆ ଯାନ ପାର୍କିଂ ପାଇଁ ବ୍ୟବସ୍ଥା କରାଯାଇଛି। କେବଳ ଅତିଥିମାନଙ୍କର ଓ ଗଣମାଧ୍ୟମର ପ୍ରତିନିଧିମାନଙ୍କର ଯାନ ଗୁଡିକ ଷ୍ଟାଡିୟମ ପର୍ଯ୍ୟନ୍ତ ଯାଇ ପାର୍କିଂ କରିବ। ପରିବାର ସହ ମହୋତ୍ସବ ବୁଲିବା, ଜିନିଷ କିଣାକିଣି, ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଜିଲା ମହୋତ୍ସବରେ ପଲ୍ଲିଶ୍ରୀ ମେଳା, ପୁସ୍ତକ ମେଳା ଓ କୃଷି ଯନ୍ତ୍ରପାତି ମେଳା କରାଯାଉଛି। ଜର୍ମାନ ହ୍ୟାଙ୍ଗରରେ (ଅତ୍ୟାଧୁନିକ ଅଡିଟୋରିୟମ) ବସି ମହୋତ୍ସବ ଉପଭୋଗ କରିବାର ଦୃଶ୍ୟ ନିଆରା ବୋଲି କହିଥିଲେ। ସେହିଭଳି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିବେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ରୋଜିନା ଦାଶ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ପରିଚାଳନା କରିଥିବାବେଳେ ଅତିରିକ୍ତ ଜିଲାପାଳ ବିଜୟାନନ୍ଦ ନାୟକ ଧନ୍ୟବାଦ ଦେଇଥିଲେ।

### କ୍ୟୁଆର୍ କୋଡ୍‌ରେ ଜାଣିହେବ କେଉଁଠି କେଉଁ ଷ୍ଟଲ୍

ଜିଲା ମହୋତ୍ସରେ ଚଳିତ ବର୍ଷ ପ୍ରଥମ ଥର ପାଇଁ କ୍ୟୁଆର୍ କୋଡ୍ ବ୍ୟବସ୍ଥା କରାଯାଇଛି। କ୍ୟୁଆର୍ କୋଡ୍‌ରେ କେଉଁଟା ସ୍ପେଶାଲ ଷ୍ଟଲ, ଛେନାପୋଡ ଷ୍ଟଲ କେଉଁଠି ପଡିଛି ସୁବିଧାରେ ଜଣା ପଡିବ। କ୍ୟୁଆର୍ କୋଡ୍ ବ୍ୟବସ୍ଥା ପରୀକ୍ଷାମୂଳକ ଭାବେ ଲାଗୁ କରାଯାଇଛି। ସଫଳତା ମିଳିଲେ ଚଳିତ ବର୍ଷ ସବୁଦିନ ଏହା ଲାଗୁ କରାଯିବ। ସଫଳତା ନ ମିଳିଲେ ଏହାକୁ ବନ୍ଦ କରାଯିବାର ରହିଛି ବୋଲି ଜଣାପଡିଛି।

# ମହୋତ୍ସବ ଆୟୋଜନ ଉପରେ ଉଚ୍ଚ ନ୍ୟାୟାଳୟଙ୍କ ଅନ୍ତରୀଣ ରହିତାଦେଶ

ଭାପୁର, ୨୩।୧୨ (ପ୍ରଭାତ ବରାଡ)

ନୟାଗଡ଼ ଜିଲା ଭାପୁର ସଦର ମହକୁମାରେ ମହୋତ୍ସବ ଆୟୋଜନ ଉପରେ ଉଚ୍ଚ ନ୍ୟାୟାଳୟ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ଫଳରେ ଉତ୍କର୍ଷ ପଲ୍ଲିଶ୍ରୀ ମେଳା ନାମରେ ଆୟୋଜନ ପାଇଁ ଅଣ୍ଟା ଭିଡ଼ିଥିବା ଆୟୋଜକଙ୍କୁ ଶକ୍ତ ଧକ୍କା ଲାଗିଛି। ଏଥିସହିତ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଉଚ୍ଚ ନ୍ୟାୟାଳୟ ସ୍ଥିତାବସ୍ଥା ଜାରି ନିମନ୍ତେ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଗତ ପ୍ରାୟ ୩ ବର୍ଷ ହେବ ଭାପୁର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଆୟୋଜନକରି ଆସୁଥିଲେ ମୋ ମାଟି ଭାପୁର ଅନୁଷ୍ଠାନ କର୍ମକର୍ତ୍ତା। ପ୍ରଥମ ବର୍ଷ ରାଜ୍ୟପାଳ ମହୋତ୍ସବ ଉଦ୍‌ଘାଟନ କରିଥିବା ବେଳେ ଦ୍ୱିତୀୟ ବର୍ଷ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ତୃତୀୟ ବର୍ଷ ରାଷ୍ଟ୍ରୀୟ ସନ୍ଥ ତଥା ପୀଠାଧୀଶ୍ୱର ଶ୍ରୀ କ୍ଷେତ୍ର ବାଲ୍ମୀକି ଧାମ, ଉଜ୍ଜୟିନୀ ମଧ୍ୟପ୍ରଦେଶର ରାଜ୍ୟସଭା ସଦସ୍ୟ ଶ୍ରୀ ଶ୍ରୀ ଉମେଶ ନାଥ ମହାରାଜ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ। ମୋ ମାଟି ଭାପୁର ଅନୁଷ୍ଠାନ ତରଫରୁ ଜାନୁଆରୀ ୧୦ରେ ଚତୁର୍ଥ ତମ ମହୋତ୍ସବ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇସାରିଛି। ତେବେ ଚଳିତ ବର୍ଷ କିନ୍ତୁ ଉତ୍କର୍ଷ ପଲ୍ଲିଶ୍ରୀ ମେଳା ଓ ମହୋତ୍ସବ ନାମରେ ଅନ୍ୟ ଏକ ଗୋଷ୍ଠୀ ଭାପୁର ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ପଡିଆକୁ ଜବରଦସ୍ତ ଅକ୍ତିଆରକୁ ନେଇ ଗେରୁଆ ରଙ୍ଗ ମାରିବା ଆରମ୍ଭ କରିଥିଲେ। ଏ ନେଇ ମୋ ମାଟି ଭାପୁର ଓ ସ୍ଥାନୀୟ ଜନସାଧାରଣ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଏପରିକି ଜିଲା ପ୍ରଶାସନ ମଧ୍ୟ ଶାସକ ଦଳ ସମର୍ଥିତ ଉକ୍ତ ଆୟୋଜକଙ୍କୁ ମୋ ମାଟି ଭାପୁର ଆୟୋଜନ କରୁଥିବା ସମୟରେ ଅନୁମତି ଦେଇଥିଲେ। ଏଭଳି ପକ୍ଷପାତିତା ବିରୋଧରେ ଭାପୁର ଅଞ୍ଚଳର ଜନସାଧାରଣ ଓ ବୁଦ୍ଧିଜୀବୀ ସବୁ ମହଲରେ ନିନ୍ଦା କରାଯାଇଥିଲା। ମାତ୍ର ସୁଫଳ ନ ମିଳିବାରୁ ବାଧ ହୋଇ ମୋ ମାଟି ଭାପୁର ଅନୁଷ୍ଠାନର ସମ୍ପାଦକ ସନ୍ତୋଷ କୁମାର ତ୍ରିପାଠୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ତେବେ କୋର୍ଟ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୭ତାରିଖରେ କରିବାକୁ ଥିବାବେଳେ ସ୍ଥିତାବସ୍ଥା ବଜାୟ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।

# ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ



ପରିଭ୍ରମଣରେ ଆସିଥିବା ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ।

ଖଣ୍ଡପଡ଼ା, ୨୩।୧୨ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ାସ୍ଥିତ ପିଏମ୍‌ଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପରିଦର୍ଶନକରି ସବିଶେଷ ଜ୍ଞାନ ଆହରଣ କରିଥିବା ଜଣାଯାଇଛି। ସେହିପରି ଛାତ୍ରୀଛାତ୍ରମାନେ ଧଉଳି ଶାନ୍ତିସ୍ତୂପ ପରିଦର୍ଶନକରିବା ଅବସରରେ ଓଡ଼ିଶାର ଇତିହାସ ସମ୍ପର୍କରେ ପଚାରି ବୁଝିଥିଲେ। ବିଦ୍ୟାଳୟରେ ଶିକ୍ଷା ଗ୍ରହଣ ସହ ଶିକ୍ଷାର୍ଥୀମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ସରକାରଙ୍କ ପକ୍ଷରୁ କିଭଳି ତାଲିମ ପ୍ରଦାନ କରାଯାଉଛି ସେ ସମ୍ପର୍କରେ ଦକ୍ଷତା ବିକାଶ କେନ୍ଦ୍ର ପକ୍ଷରୁ ସନ୍ତୋଷ କୁମାର ମୁଦୁଲି ଓ ସୁଶାନ୍ତ କୁମାର ଜେନା ପ୍ରମୁଖ ଛାତ୍ରୀ ଛାତ୍ରଙ୍କୁ ସବିଶେଷ ସୂଚନା ପ୍ରଦାନ କରିଥିଲେ। ଏ ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ଲିପ୍‌ସା ନନ୍ଦ, ବରିଷ୍ଠ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଖଟୁଆ, ବିଶ୍ୱମ୍ଭର ପ୍ରଧାନ, ରଶ୍ମିତା ନାୟକ, କବିତା ଜେନା, ସଞ୍ଜୁବାଳା ନାଥ, ପ୍ରତାପ କୁମାର ସାହୁ, ଅନିଲ କୁମାର ପ୍ରଧାନ, ଶିବପ୍ରସାଦ ଦାସ, ଦିଲୀପ କୁମାର ସାହୁ, ମାନସ ମୋହନ ମିଶ୍ର, ଅଭିଜିତ କହଁର, ଭରତ କୁମାର ବେହେରା ପ୍ରମୁଖ ଛାତ୍ରୀଛାତ୍ରଙ୍କ ପରିଭ୍ରମଣରେ ସାମିଲ ହୋଇଥିଲେ।

# ନୟାଗଡ଼ରେ ମେଡିକାଲ ପ୍ରତିଷ୍ଠାକୁ ଭାପୁର ବ୍ଲକ୍ ଅଞ୍ଚଳରେ ସମର୍ଥନ

ଭାପୁର, ୨୩।୧୨ (ପ୍ରଭାତ ବରାଡ଼)

ନୟାଗଡ଼ ଜିଲା ସଦର ମହକୁମାରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବା ପାଇଁ ଭାପୁର ବ୍ଲକର ବହୁ ବିଶିଷ୍ଟ ବ୍ୟକ୍ତି ତଥା ସାମାଜିକ ଅନୁଷ୍ଠାନ ପକ୍ଷରୁ ଦୃଢ଼ ଦାବି କରାଯାଇଛି । ମଙ୍ଗଳବାର ଏହି ପରିପ୍ରେକ୍ଷୀରେ ଏକ ବୈଠକ ଭାପୁର କ୍ରିୟାନୁଷ୍ଠାନ କମିଟି ସଭାପତି ତଥା ବରିଷ୍ଠ ଖବରଦାତା ରବୀନ୍ଦ୍ର କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ନୟାଗଡ଼ ଜିଲା ସଦର ମହକୁମାରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବା ସହିତ ଭାପୁରକୁ ଏନ୍‌ଏସି ଭାବେ ଘୋଷଣା କରିବା, ଭାପୁରରେ ତୁରନ୍ତ ବସ୍‌ଷ୍ଟାଣ୍ଡ ନିର୍ମାଣ, ଭାପୁର ଯୁକ୍ତ ୩ କଲେଜ ପ୍ରତିଷ୍ଠା, ଗ୍ରାମ୍ୟ ଉନ୍ନୟନ ଏବଂ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ବିଦ୍ୟୁତ୍ ବିଭାଗ ସବ୍-ଡିଭିଜନ ଖୋଲାଯିବା, ସବ୍-ରେଜିଷ୍ଟ୍ରାର ଅଫିସର ସ୍ଥାୟୀ ଗୃହ ନିର୍ମାଣ ଏବଂ ସ୍ଥାୟୀ ସବ୍-ରେଜିଷ୍ଟ୍ରାର ନିଯୁକ୍ତି, ପୂର୍ତ୍ତ ଓ ଜଳ ସମ୍ପଦ ବିଭାଗ ସେକ୍ସନ କାର୍ଯ୍ୟାଳୟ ଖୋଲିବା, ଭାପୁର ଆଉଟ ପୋଷ୍ଟକୁ ପୂର୍ଣ୍ଣାଙ୍ଗ ଥାନା ଭାବେ ଘୋଷଣା କରିବା । ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ସମସ୍ତ ଡାକ୍ତର ପଦ ପୂରଣ କରାଯିବା ସହ ଅଟୋ ଆନାଲାଇଜାର, ଏକ୍ସ-ରେ, ଇସିଜି, ଅଲଟ୍ରାସାଉଣ୍ଡ ମେଶିନ ଯୋଗାଇଦେବା, ଡାକ୍ତରଖାନା ପରିସରରେ ୫ ଟଙ୍କିଆ ଆହାର କେନ୍ଦ୍ର ଖୋଲିବା ଦାବି କରାଯାଇଥିଲା। ବୈଠକରେ ଭାପୁର ବରିଷ୍ଠ ନାଗରିକ ମଞ୍ଚ ସଭାପତି ତଥା ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ସାମନ୍ତରାୟ, ଭାପୁର କ୍ରିୟାନୁଷ୍ଠାନ କମିଟି ସମ୍ପାଦକ ପ୍ରଭାକର ସାହୁ, ଭାପୁର ବଣିକ ସଂଘର ପୂର୍ବତନ ସଭାପତି ଗଙ୍ଗାଧର ବାରିକ, ମୁକୁନ୍ଦ ସାହୁ, ଜିତେନ୍ଦ୍ର ରଣସିଂହ, ରମେଶ ଚନ୍ଦ୍ର ବରା ବୃନ୍ଦାବନ ସାହୁ ଓ ଜୟକୃଷ୍ଣ ଷଡ଼ଙ୍ଗୀଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।

# ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ୧୩୬ ପ୍ରକଳ୍ପ



ଅତିଥିମାନେ ପ୍ରକଳ୍ପଗୁଡିକୁ ବୁଲି ଦେଖୁଛନ୍ତି।

ନୟାଗଡ଼, ୨୩।୧୨ (ଲୋକନାଥ ମିଶ୍ର)

- ରାଜ୍ୟସ୍ତରକୁ ୭ ପ୍ରକଳ୍ପ ଉନ୍ନୀତ

ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲରେ ସୋମବାର ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ୧୩୬ ପ୍ରକଳ୍ପ ସ୍ଥାନ ପାଇଥିଲା। ଏଥିରୁ ନୟାଗଡ ବ୍ଲକ ଲେଙ୍କୁଡିପଡ଼ା ସରକାରୀ ୟୁପି ସ୍କୁଲର ଅଭିଜିତ୍ ନାୟକଙ୍କ ସ୍ଥାୟୀ କୃଷି ପ୍ରକଳ୍ପ, ଜାମୁସାହି ଏସିଡି ହାଇସ୍କୁଲର ସାଇ ସ୍ୱାଇଁଙ୍କ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପ୍ଲାଷ୍ଟିକର ବିକଳ୍ପ ପ୍ରକଳ୍ପ, ନୟାଗଡ଼ ସରକାରୀ ବାଳିକା ହାଇସ୍କୁଲର ମଧୁସ୍ମିତା ବାଇଙ୍କ ସବୁଜ ଶକ୍ତି ପ୍ରକଳ୍ପ, ଆର୍‌ସି ସାମନ୍ତରାୟ ହାଇସ୍କୁଲର ଅରୁଣ କୁମାର ମିଶ୍ରଙ୍କ ଉଦୀୟମାନ ପ୍ରଯୁକ୍ତି ବିଦ୍ୟା ପ୍ରକଳ୍ପ, ସୁନାମୁହିଁ ସରକାରୀ ପଞ୍ଚାୟତ ହାଇସ୍କୁଲର ଅମର ନାୟକଙ୍କ ମନୋରଞ୍ଜନ ମୂଳକ ଏବଂ ଗାଣିତିକ ମଡେଲିଂ ପ୍ରକଳ୍ପ, ନୂଆଗାଁ ଏନ୍‌ଏସ ହାଇସ୍କୁଲର ସୀମାରାଣୀ ସିଠଙ୍କ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ପ୍ରକଳ୍ପ, ନୂଆଗାଁ ଆଦର୍ଶ ବିଦ୍ୟାଳୟର ଲୋପାମୁଦ୍ରା ପ୍ରଧାନଙ୍କ ଜଳ ସଂରକ୍ଷଣ ଏବଂ ପରିଚାଳନା ପ୍ରକଳ୍ପ ପ୍ରମୁଖ ୭ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ ହୋଇଛି। ୭ ପ୍ରକଳ୍ପଧାରୀ ଡିସେମ୍ବର ୨୬ ରେ କେନ୍ଦୁଝରର ଡିଏନ୍ ହାଇସ୍କୁଲରେ ହେବାକୁ ଥିବା ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଭାଗ ନେବେ। କେନ୍ଦୁଝରରେ ଡିସେମ୍ବର ୨୬, ୨୭, ୨୮ରେ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀକୁ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସମ୍ବିତ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ଅତିରିକ୍ତ ଶିକ୍ଷା ଅଧିକାରୀ ଗୀତାଞ୍ଜଳି ସାହୁ, ସନ୍ଧ୍ୟାରାଣୀ ରାଉତ, ବନଲତା ବେହେରା, ଜିଲା ବିଜ୍ଞାନ ନିରୀକ୍ଷକ ଶରତ କୁମାର ସାହୁ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଅନିଲ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଗଣିଆ କେସିବିପି ସ୍କୁଲର ସିଦ୍ଧାର୍ଥ ଶେଖର ସାହୁଙ୍କ କେନ୍ଦ୍ର ପରିବେଶ ଅଧ୍ୟୟନ ଉପରେ ଇକୋ କ୍ଲବ ସମ୍ବନ୍ଧୀୟ ପ୍ରକଳ୍ପ ଅନୁରୂପ ଭାବେ ରାଜ୍ୟସ୍ତରକୁ ଉନ୍ନୀତ ହୋଇଛି ।

# ଜିଲାସ୍ତରୀୟ ଶିଶୁମେଳା: ରଣପୁର ଛାତ୍ରୀଛାତ୍ରଙ୍କ କୃତିତ୍ୱ

ରଣପୁର, ୨୩।୧୨ (ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଓଷ୍ଟା ଆନୁକୂଲ୍ୟରେ ଜିଲାସ୍ତରୀୟ ଶିଶୁମେଳା ଜାତୀୟ ସେବା ସଂସ୍ଥା ବହୁମୁଖୀ ଶିକ୍ଷା ନିକେତନ, ନବଘନପୁରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣକରି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ବିଦ୍ୟାଳୟର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିରେ ରଣପୁର ବ୍ଲକ୍‌ର ଅଧିକାଂଶ ପ୍ରତିଯୋଗୀ କୃତିତ୍ୱ ହାସଲ କରିବା ସହ ରାଜ୍ୟସ୍ତରୀୟ ଶିଶୁ ମେଳା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଆସନ୍ତା ୨୬, ୨୭, ୨୮ ତାରିଖରେ ହେବାକୁ ଥିବା କଟକ ବାରବାଟୀ ଷ୍ଟାଡିୟମରେ ଯୋଗଦେବେ।

ରଣପୁର ବ୍ଲକ୍ ରଘୁ ଦିବାକର ନୋଡାଲ ଉଚ୍ଚ ବିଦ୍ୟାଳୟ, କନ୍ଧ ନୟାଗଡ଼ର ଶୁଭସ୍ମିତା ବରାଡ଼ ଚିତ୍ରାଙ୍କନରେ ପ୍ରଥମ ଓ ବିବି ବିଦ୍ୟାପୀଠ, ବାରଙ୍ଗଗାଡ଼ିଆର ଆଦ୍ୟାଶା ଛୋଟରାୟ କବିତା ଆବୃତ୍ତିରେ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିବାରୁ ରଣପୁର ବ୍ଲକ ଓଷ୍ଟା ସଭାପତି କ୍ଷୀରୋଦ ଚନ୍ଦ୍ର ରାଉତରାୟଙ୍କୁ ନୟାଗଡ଼ ଜିଲା ଓଷ୍ଟା ତରଫରୁ ଶିଶୁ ମେଳା -୨୦୨୫ର ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ରାଜ୍ୟ ଓଷ୍ଟା ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ମୁଖ୍ୟବକ୍ତା ପ୍ରାକ୍ତନ ସାଧାରଣ ସମ୍ପାଦକ ପ୍ରକାଶ ମହାନ୍ତି, ସମ୍ମାନିତ ଅତିଥି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ନାୟକ, କିଶୋର ଚନ୍ଦ୍ର ପରମଗୁରୁ, ମାଣିକେଶ୍ୱର ସ୍ୱାଇଁ, ବିନାୟକ ପରିଡ଼ା, ପ୍ରଫୁଲ୍ଲ କୁମାର ମହାନ୍ତି, ରମାକାନ୍ତ ମହାପାତ୍ର, ଅନିରୁଦ୍ଧ ସାହୁ, ଅଭିମନ୍ୟୁ ମହାନ୍ତି, ଅକ୍ରୁର ପରିଡ଼ା, ଭଗବାନ ସାହୁ ଓ ଘନଶ୍ୟାମ ରାଉତ ଯୋଗ ଦେଇଥିଲେ। ଓଷ୍ଟା ନୟାଗଡ଼ ଜିଲା ସଭାପତି ଅଯୋଧ୍ୟାନାଥ ନାୟକ ସଭା ପରିଚାଳନା କରିଥିବା ବେଳେ ସମ୍ପାଦକ ମାନସ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ଉପସଭାପତି ନିରାକାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ ।



ପ୍ରଥମ ସ୍ଥାନ ଅଧିକାର କରିଥିବା ସ୍କୁଲ ଶିକ୍ଷକଙ୍କୁ ଟ୍ରଫି ପ୍ରଦାନ କରାଯାଉଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଧର୍ମ



@ ଶିବ



@ ସିଦ୍ଧାର୍ଥ



@ ସ୍ମୃତି



@ ଅକ୍ଷୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରେଡକ୍ରସ୍ ପାଣ୍ଠି ଆଦାୟ ବୃଦ୍ଧି ଉପରେ ଗୁରୁତ୍ୱ

## ଜିଲା ପ୍ରଶାସନ ପକ୍ଷରୁ ରେଡକ୍ରସ୍ ସୋସାଇଟିର ବୈଠକ



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀ।

**ଯାଜପୁରଟାଉନ,୨୩।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲା ରେଡକ୍ରସ ସୋସାଇଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁ, ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ ଯୋଗ ଦେଇଥିଲେ। ଜିଲାରେ ରେଡକ୍ରସ ପାଣ୍ଠି ଆଦାୟକୁ କିପରି ବୃଦ୍ଧି କରାଯାଇପାରିବ ସେ ଉପରେ ଜିଲାପାଳ ଗୁରୁତ୍ୱ ଦେଇ ଉପସ୍ଥିତ ଅଧିକାରୀ ଏବଂ ସଦସ୍ୟମାନଙ୍କ ସହ ବିଶଦ ଭାବେ ଆଲୋଚନା କରିଥିଲେ। ସଭାରେ ୨୦୨୨ରୁ ୨୦୨୫ଆର୍ଥିକ ବର୍ଷ ମଧ୍ୟରେ ରେଡକ୍ରସ ପାଣ୍ଠିର ଆଦାୟ ଏବଂ ବ୍ୟୟ ଉପରେ ବିସ୍ତୃତ ଭାବେ ତଥ୍ୟ ଉପସ୍ଥାପନ କରାଯାଇଥିଲା। ୨୦୨୪-୨୫ ଆର୍ଥିକ ବର୍ଷ ଯାଏ ଏହାର ଅଡିଟ ଶେଷ ହୋଇଛି। ବିଶେଷ କରି ଡାକ୍ତରୀ ସହାୟତା, ରାସ୍ତା ଦୁର୍ଘଟଣା, ମୃତଦେହ ସତ୍କାର, ଏଚ୍‌ଆଇଭି ରୋଗୀ, ଥଇଥାନ, ଯୁବପିଢିଙ୍କ ରେଡକ୍ରସ୍ ତାଲିମ ବାବଦକୁ ଅର୍ଥ ଖର୍ଚ୍ଚ ହୋଇଛି। ଯୁଥ ରେଡକ୍ରସ ବିଭାଗରେ ଜିଲାର ବିଭିନ୍ନ କଲେଜର ଛାତ୍ରୀଛାତ୍ରଙ୍କ ରେଡକ୍ରସ୍ ତାଲିମ, ରକ୍ତଦାନ ଶିବିର ଆୟୋଜନ, ବିପର୍ଯ୍ୟୟ ପରିଚାଳନା, ଚାରାରୋପଣ, ବାରୁଣୀ ମେଳାରେ ରେଡକ୍ରସ ପକ୍ଷରୁ ସେବା, ଶିଶୁ ସୁରକ୍ଷା ସଚେତନତା ଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବିଦ୍ୟାଳୟସ୍ତରରେ ଜୁନିୟର ରେଡକ୍ରସ ପକ୍ଷରୁ ଟ୍ରାଫିକ କ୍ଲବ୍ ମଧ୍ୟ ସୃଷ୍ଟି କରାଯାଇଛି। ଏନେଇ ଶିକ୍ଷା ବିଭାଗର ଅଧିକାରୀ ତଥ୍ୟ ଉପସ୍ଥାପନ କରିଥିଲେ। ସହରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ସେବା ଯୋଗାଇବା ସହ ରେଡକ୍ରସ ଟିମକୁ ଅଧିକ ସକ୍ରିୟ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲାରେ ଏଚ୍‌ଆଇଭି ଚିହ୍ନଟ ଏବଂ ସ୍କ୍ରିନିଂକୁ ବ୍ୟାପକ କରିବା ସହ ରେଡକ୍ରସ ପାଣ୍ଠିକୁ ବୃଦ୍ଧି କରିବା ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଏହାସହ ରେଡକ୍ରସ ସମ୍ବନ୍ଧୀୟ ସୂଚନା ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ସଭାରେ କମିଟିର ସଦସ୍ୟ, ରେଡକ୍ରସ ଅଧିକାରୀ, ଜିଲା ମୁଖ୍ୟଚିକିତ୍ସାଳୟର ଡାକ୍ତର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଶିକ୍ଷା ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ୨୬ରେ ଧର୍ମଶାଳା ବାଣୀପୀଠର ବାର୍ଷିକ ଉତ୍ସବ

**କାଏମା,୨୩।୧୨(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳାର ବାଣୀପୀଠର ବାର୍ଷିକ ଉତ୍ସବ ଓ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ଆସନ୍ତା ୨୬ ତାରିଖରେ ବିଦ୍ୟାଳୟ ପରିସରରେ ପାଳିତ ହେବ। ଏନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଉତ୍ସବରେ ଉଦ୍‌ଘାଟକ ଭାବେ ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ରବୀନ୍ଦ୍ର ବିହାରୀ ଓ ମୁଖ୍ୟବକ୍ତା ଭାବେ ଅଧାପିକା ରୋଜାଲିନ ଜେନା ଯୋଗଦେବେ। ବିଦ୍ୟାଳୟର ପୁରାତନ ଶିକ୍ଷକ ଗଣେଶ୍ୱର ପରିଡା, ମଧୁରମୁରଲୀ ଦାଶଙ୍କ ସମେତ ବିଦ୍ୟାଳୟର ପୁରାତନ ଛାତ୍ର ବଟକୃଷ୍ଣ ମହାନ୍ତି, ପଦ୍ମଚରଣ ପ୍ରଧାନ, ବସନ୍ତ କିଶୋର ସାହୁ, ନଟବର ସାହୁ, କ୍ଷେତ୍ରବାସୀ ସେଠୀ, କାମଦେବ ଶତପଥୀ ଓ ମହମ୍ମଦ ଫରାହିମଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯିବ। ଏଥିସହିତ ମେଧାବୃତ୍ତି ଓ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଅତିଥିଙ୍କ ଦ୍ୱାରା ସ୍ମରଣିକା ବାଣୀବିତାନ ଓ ପୁସ୍ତକ ପ୍ରୀତିପୁଷ୍ପା ଉନ୍ମୋଚନ କରାଯିବ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ପୁରାତନ ଛାତ୍ର ସଂସଦ ସଭାପତି ଡା. ବିଜୟ କୁମାର ଶତପଥୀ ଓ ସମ୍ପାଦକ ଆଦିକନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି।

# ନାରାୟଣ ଥିଲେ ଏକ ଅନୁଷ୍ଠାନ



ସ୍ୱର୍ଗତ ନାରାୟଣ ସାମଲ

ବିଶିଷ୍ଟ ଆଇନଜୀବୀ ସ୍ୱର୍ଗତ ନାରାୟଣ ସାମଲଙ୍କ ଆଜି ୭ମ ଶ୍ରାଦ୍ଧବାର୍ଷିକୀ। ଏକାଗ୍ରତା ଓ ସମୟାନୁବର୍ତ୍ତିତା ମଣିଷକୁ କିପରି ସଫଳତାର ଶୀର୍ଷରେ ପହଞ୍ଚାଇଥାଏ, ସେ ଥିଲେ ତାହାର ଜ୍ୱଳନ୍ତ ଉଦାହରଣ। ସେ କନିଷ୍ଠ ଆଇନଜୀବୀଙ୍କ ପାଇଁ ମଧ୍ୟ ଥିଲେ ପ୍ରେରଣାଦାତା। ସେ ଆଇନ ବ୍ୟବସାୟ ଓ ଆଇନଜୀବୀଙ୍କୁ ଏତେ ଭଲପାଉଥିଲେ ଯେ, ଆଇନଜୀବୀ ତଥା ତତ୍କାଳୀନ ଜିଲା ଖାଉଟି ଅଦାଲତ ସଭାନେତ୍ରୀ ପ୍ରତିଭା କୁମାରୀ ସିଂଙ୍କୁ ବିବାହ କରିଥିଲେ। ତିନି ପୁତ୍ର ଦେବୀଦତ୍ତ, ଦେବାଶିଷ ଓ ଦେବବ୍ରତଙ୍କୁ ଆଇନ ଶିକ୍ଷାଦେଇ ଅବହେଳିତ, ନିଷ୍ପେଷିତଙ୍କୁ ନ୍ୟାୟ ଦେବାକୁ ପ୍ରେରଣା ଦେଇଥିଲେ।

ନାରାୟଣ କେବଳ ଜଣେ ଆଇନଜୀବୀରେ ସୀମିତ ନ ଥିଲେ। ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ତାଙ୍କର ଅବଦାନ ଥିଲା ଅବିସ୍ମରଣୀୟ। ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ 'ପ୍ରବାହ ସାହିତ୍ୟ ପରିଷଦ' ତାଙ୍କର ମାନସ ସନ୍ତାନ। ଗୌରୀ ଫିଲିଂ ଷ୍ଟେଶନ, ଗୌରୀ ଫ୍ଲାଏ ଆଶ୍ ବ୍ରିକ୍ସ, ଗୌରୀ କଟନ୍ ଭଳି ଉଦ୍ୟୋଗ ପ୍ରତିଷ୍ଠା କରି ସାଜିଥିଲେ ଅନେକଙ୍କ ନିଯୁକ୍ତିଦାତା। କାମାକ୍ଷାନଗର ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟ, କାମାକ୍ଷାନଗର ମହାବିଦ୍ୟାଳୟ, ଭୁବନର ବାଜିରାଉତ ମହାବିଦ୍ୟାଳୟ, ବାଲିଗୋରଡ଼ର ମୂଷା ମଲ୍ଲିକ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାରେ ଗୁଣ୍ଡୁଚି ମୂଷା ଭୂମିକା ନିର୍ବାହ କରିଥିଲେ। ସେଥିପାଇଁ ଓଡ଼ିଶାର ବିଭିନ୍ନ ଅନୁଷ୍ଠାନ ତଥା ବହୁ ବିଶିଷ୍ଟ ବ୍ୟକ୍ତିଙ୍କଠାରୁ ସେ ସମ୍ବର୍ଦ୍ଧିତ ହୋଇଥିଲେ। ତାଙ୍କ ମହାନତାକୁ ମନେରଖିବା ପାଇଁ କାମାକ୍ଷାନଗର ସିଭିଲ କୋର୍ଟ ପରିସରରେ ସ୍ଥାପିତ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସମସ୍ତଙ୍କୁ ପ୍ରେରଣା ଦେଉଛି।

୧୫ ଏପ୍ରିଲ ୧୯୪୭ରେ ନାରାୟଣ କାମାକ୍ଷାନଗର ବାଲିଗୋରଡ଼ ପଞ୍ଚାୟତ ନୂଆପାଣି ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ସାମ୍ୟବାଦୀ ଚିନ୍ତାଧାରାରେ ଅନୁପ୍ରାଣିତ ଏହି ବ୍ୟକ୍ତି କ୍ଷମତା ନୁହେଁ, ବରଂ ତ୍ୟାଗ ଓ ନ୍ୟାୟ ପ୍ରତି ଦୃଢ଼ ପ୍ରତିବଦ୍ଧତାରୁ ମାନବିକତା ଅର୍ଜନ କରାଯାଏ ବୋଲି ପ୍ରମାଣ କରିଥିଲେ। କାମାକ୍ଷାନଗର ମାଟିର ସେ ଥିଲେ ସୁଯୋଗ୍ୟ ସନ୍ତାନ। ତାଙ୍କର ମହାନ୍ ଆତ୍ମା ସ୍ୱର୍ଗରୁ ଥାଇ ଆମ୍ଭଙ୍କୁ ମାର୍ଗଦର୍ଶନ କରୁ, ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା। ତାଙ୍କର ପୁଣ୍ୟ ଶ୍ରାଦ୍ଧବାର୍ଷିକୀରେ ଅଯୁତ ଅଯୁତ ପ୍ରଣାମ।

**-ସୂର୍ଯ୍ୟନାରାୟଣ ସାହୁ**
**ଆଇନଜୀବୀ, କାମାକ୍ଷାନଗର, ଢେଙ୍କାନାଳ**

# ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ



ବନ୍ଧୁମିଳନ ଉତ୍ସବରେ ଯୋଗଦେଇଥିବା ପୁରାତନ ଛାତ୍ରୀଛାତ୍ର।

**ବଡ଼ଚଣା,୨୩।୧୨ (ଦିଲୀପ କୁମାର ମହାନ୍ତି)**

କେନ୍ଦ୍ରାପଡ଼ା ମହାବିଦ୍ୟାଳୟର ୧୯୭୩ରୁ ୧୯୭୭ ପର୍ଯ୍ୟନ୍ତ କଳା, ବିଜ୍ଞାନ ଓ ବାଣିଜ୍ୟ ଛାତ୍ରମାନଙ୍କର ଏକ ବନ୍ଧୁମିଳନ ଉତ୍ସବ ଚଣ୍ଡିଖୋଲ ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନ ଉତ୍ସବ ଦୀର୍ଘ ୩୦ ବର୍ଷ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ବନ୍ଧୁମାନଙ୍କ ସ୍ତ୍ରୀମାନେ ଯୋଗଦେଇ ବନ୍ଧୁତ୍ୱ ସୃଷ୍ଟି କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଭାବେ କ୍ଷୀରୋଦ ମାହାଲା ସଞ୍ଚାଳନ ଓ କରିଥିଲେ। ଏଥିରେ ବିଭୂତି ମହାନ୍ତି, ତପନ ନାୟକ, ସାରଦା ଦାସ, ସୁଧୀର ଲେଙ୍କା, ପ୍ରମୋଦ ରାଉତ, ଡ. ସର୍ବେଶ୍ୱର ପ୍ରଧାନ, ରବୀନ୍ଦ୍ରନାଥ ଶାନ୍ତି, ଜାନକୀ ବଲ୍ଲଭ ପ୍ରଧାନ, ପ୍ରମୋଦ ମହାପାତ୍ର, ପ୍ରସନ କୁମାର ସାହୁ, ଭଞ୍ଜକିଶୋର ଦାସ, ଉମାକାନ୍ତ ଭୂୟାଁ, ଅବସରପ୍ରାପ୍ତ ଅଧ୍ୟକ୍ଷ ଅଜୟ ସାମଲ ସମେତ ଅନ୍ୟ ବନ୍ଧୁ ଓ ମହିଳାମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସମସ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସ୍ମରଣକରି ଆଶୀର୍ବାଦ ଲୋଡିଥିଲେ। ଆମ୍ଭମାନଙ୍କର ବୟସ ଅତିକ୍ରମ କଲାଣି, ସମସ୍ତେ ଚାକିରି ହେଉ ବା ବ୍ୟବସାୟ ହେଉ ସେଥିରୁ ଆମେ ଅବ୍ୟାହତ ନେଲେଣି। ତେଣୁ ଏ ବୟସରେ ଆମେ ସମାଜର ସେବା କରିବା, ସାଧାରଣ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବା, ସହିତ ଆଧାତ୍ମିକ ଭାବ ସୃଷ୍ଟିକରି ସ୍ୱୟଂ ପରମବ୍ରହ୍ମଙ୍କ ନିକଟରେ ନିଜକୁ ସମର୍ପିତ କଲେ ଜଣେ ଭଲ ମଣିଷ ହୋଇ ପାରିବା ବୋଲି ଆଲୋଚନା ହୋଇଥିଲା। ଶେଷରେ ଶିବରାମ ସାହୁ ସମସ୍ତ ବନ୍ଧୁମାନଙ୍କୁ ୨୦୨୬ ବର୍ଷର ଶୁଭେଚ୍ଛା ଜଣାଇ ଆସନ୍ତାବର୍ଷ ସମସ୍ତ ବନ୍ଧୁ ଓ ତାଙ୍କ ବାନ୍ଧବୀଙ୍କ ଜୀବନ ମଧୁମୟ ଓ ସୁଖମୟ ହେବାପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

# ପିଇଓଙ୍କୁ ବନ୍ଧୁକ ଦେଖାଇ ଲୁଟିଲେ

**କେନ୍ଦ୍ରାପଡ଼ା, ୨୩।୧୨(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅନ୍ତର୍ଗତ ଇନ୍ଦୁପୁର ଡାଳି ରାସ୍ତାରେ ଦୁର୍ବୃତ୍ତମାନେ ବ୍ଲକ୍ ଅନ୍ତର୍ଗତ ପଳସିଂହା ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଐଶ୍ୱର୍ଯ୍ୟା ନାଥ ଶର୍ମାଙ୍କୁ ମଙ୍ଗଳବାର ଦ୍ୱିପ୍ରହରରେ ଲୁଟିଛନ୍ତି। ଏ ନେଇ ଥାନାରେ ମାମଲା ରୁଜୁ ହେବା ସହ ତଦନ୍ତ ଆରମ୍ଭ ହୋଇଛି। ଅଭିଯୋଗ ମୁତାବକ, ଐଶ୍ୱର୍ଯ୍ୟା ଅପରାହ୍ନ ପ୍ରାୟ ୨ଟାରେ କାର୍ଯ୍ୟାଳୟ କାର୍ଯ୍ୟ ସାରି ନିଜ ଗ୍ରାମ ନିକିରାଇକୁ ଫେରୁଥିଲେ। ଇନ୍ଦୁପୁର ଡାଳି ରାସ୍ତା ନିକଟରେ ୨ଜଣ ଯୁବକ ଏକ ପଲ୍ସର ଗାଡ଼ିରେ ଆସି ଐଶ୍ୱର୍ଯ୍ୟାଙ୍କ ସ୍କୁଟିକୁ ଅଟକାଇଥିଲେ। ଏଥିସହ ଦୁର୍ବୃତ୍ତମାନେ ବନ୍ଧୁକ ତାଙ୍କ ମୁଣ୍ଡରେ ଲଗାଇ ପାଖରେ ଯାହା ଅଛି ଦିଅ ବୋଲି କହିଥିଲେ। ଟିକେ ବିଳମ୍ବ ହେବାରୁ ଦୁର୍ବୃତ୍ତମାନେ ହ୍ୟାଣ୍ଡବ୍ୟାଗ୍ ଓ ପିନ୍ଧିଥିବା ମୁଦି ଛଡ଼ାଇ ନେଇଥିଲେ। ବ୍ୟାଗ୍‌ରେ ମୋବାଇଲ ଫୋନ୍, ଅଫିସ ଗୃହର ଚାବି, ଡିଏସ୍‌ସି ଓ କାର୍ଯ୍ୟାଳୟର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ କିଛି ଟଙ୍କା ରହିଥିବା ସେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।

# ଜାରକା ବଡ଼ବଜାର ବ୍ୟବସାୟୀ ସଂଘର ନୂତନ କର୍ମକର୍ତ୍ତା

**ଧର୍ମଶାଳା,୨୩।୧୨ (ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଅଧୀନ ଜାରକା ବଡ଼ବଜାର ବ୍ୟବସାୟୀ ସଂଘର ସାଧାରଣ ପରିଷଦ ବୈଠକ ପୂର୍ବତନ ସଭାପତି ଲକ୍ଷ୍ମଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଗାମୀ ବର୍ଷ ପାଇଁ କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ସଭାପତି ଭାବରେ ସତ୍ୟରଞ୍ଜନ କର, କାର୍ଯ୍ୟକାରୀ ସଭାପତି ଭାବରେ ପ୍ରୀତିରଞ୍ଜନ ଜେନା, ଉପସଭାପତିଭାବେ ଲକ୍ଷ୍ମଣ ସାହୁ, ସମ୍ପାଦକଭାବେ ରମେଶ ଚନ୍ଦ୍ର ଦଳାଇ, ସହ ସମ୍ପାଦକଭାବେ ବିଦ୍ୟାଧର ବେହେରା ଓ କୋଷାଧ୍ୟକ୍ଷ ଭାବେ ପୀତବାସ ସାହୁ ପ୍ରମୁଖଙ୍କୁ ନିର୍ବାଚିତ କରାଯାଇଛି। ସେହିପରି ଅଜୟ ମହାପାତ୍ର, ରବୀନ୍ଦ୍ର ବରାଳ, ଦୁର୍ଯ୍ୟୋଧନ ସାହୁ, ରମେଶ ଚନ୍ଦ୍ର କୁଣ୍ଡୁ ଓ ବିରଜା ପ୍ରସାଦ ଶତପଥୀ ପ୍ରମୁଖଙ୍କୁ ଉପଦେଷ୍ଟା ଭାବରେ ଗ୍ରହଣ କରାଯାଇଛି। କୃଷ୍ଣଚନ୍ଦ୍ର ପରିଡ଼ା, ସରିତ୍ ଦାସ, ବାବୁଲି ବେହେରା, କୃଷ୍ଣଚନ୍ଦ୍ର ସାମଲ, କେଶବ ଚନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ସାହୁ, କଳିଙ୍ଗ ରାଉତ ଓ ସୁନାକର ଦୋରାଙ୍କୁ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଚୟନ କରାଯାଇଛି।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SIG-ZONAL-KDJR-527, ତା.17.12.2025ରିଖ

| | |
|---|---|
| କାର୍ଯ୍ୟର ନାମ : | 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର ସିଗ୍ନାଲ / କେନ୍ଦୁଝରଗଡ଼ଙ୍କ ଅଧିକାର କ୍ଷେତ୍ର ଅଧିନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍ନାଲିଙ୍ଗ୍ ଜୋନାଲ (Zonal) କାର୍ଯ୍ୟ। |
| ଟେଣ୍ଡର ମୂଲ୍ୟ (₹): | 74,67,830.67, EMD (₹) : 1,49,400.00 |
| ବିଡ୍ ଆରମ୍ଭ ହେବା ତାରିଖ : | ତା.25.12.2025ରିଖ, |
| ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : | ତା. 08.01.2026 ରିଖ 1100 ଘଟିକାରେ। |

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍
PR-926/Q/25-26


# ନଡ଼ିଆ ଗଛରୁ ପଡ଼ି ଜଣେ ମୃତ

**ଯାଜପୁର ସଦର,୨୩।୧୨ (ସମର ବିଜୟ ଶରଣ):**

ଯାଜପୁର ବ୍ଲକ ଅନ୍ତର୍ଗତ ଜମଧର ପଞ୍ଚାୟତ ଜମଧର ଗ୍ରାମର ରଥ ବେହେରାଙ୍କ ନଡ଼ିଆ ଗଛରୁ ପଡ଼ି ମୃତ୍ୟୁ ହୋଇଛି। ମଙ୍ଗଳବାର ଅପରାହ୍ନ ୩ଟାରେ ରଥ ଜଣେ ବ୍ୟକ୍ତିଙ୍କ ନଡ଼ିଆ ପରିବାକୁ ଯାଇ ଗଛରେ ଚଢ଼ିଥିଲେ। ନଡ଼ିଆ ପାରିବା ସମୟରେ ନିଜର ଅଣ୍ଟା ରଶି ଛିଡି ଯାଇଥିଲା। ଫଳରେ ସେ ପ୍ରାୟ ୬୦ ଫୁଟ ଉଚ୍ଚତାରୁ ଖସି ପଡିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ରଥ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି। ତେଣୁ ତାଙ୍କ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇଦେବାକୁ ସ୍ଥାନୀୟ ସରପଞ୍ଚ ବାଦଲ ଖୁଣ୍ଟିଆ ସରକାରଙ୍କ ନିକଟରେ ଅନୁରୋଧ କରିଛନ୍ତି।


## ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ
## ODISHA ELECTRICITY REGULATORY COMMISSION

ବିଦ୍ୟୁତ୍ ନିୟାମକ ଭବନ
ପ୍ଲଟ୍ ନଂ.୪, ଚୁନୋକୋଳି, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧, ଟେଲି. ନଂ.: ୨୭୨୧୦୪୮, ୨୭୨୧୦୪୯
Together, Let us light up our lives
ଇ-ମେଲ୍: oerc@odisha.gov.in/orierc@gmail.com; ୱେବ୍‌ସାଇଟ୍: www.orierc.org

ମାମଲା ସଂ. ୮୧/୨୦୨୫

### ସର୍ବସାଧାରଣ ବିଜ୍ଞପ୍ତି

**ଓଇଆରସି (ହ୍ୱିଲିଂ ଶୁଳ୍କସୂଚୀ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ପାଇଁ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୨୨ର ପାରା ୩.୨ ଅନୁଯାୟୀ ନିଜର ଲାଇସେନ୍ସପ୍ରାପ୍ତ ଯୋଗାଣ କ୍ଷେତ୍ରରେ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ପୁଞ୍ଜିନିବେଶ ଯୋଜନାର ଅନୁମୋଦନ ପାଇଁ ଆବେଦନର ଶୁଣାଣି।**

ମେସର୍ସ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିଃ ଓଇଆରସି (ହ୍ୱିଲିଂ ଶୁଳ୍କସୂଚୀ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ପାଇଁ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୨୨ର ଅନୁଚ୍ଛେଦ ୩.୨ ଅନୁଯାୟୀ ନିଜର ଲାଇସେନ୍ସପ୍ରାପ୍ତ ଯୋଗାଣ କ୍ଷେତ୍ରରେ ଆର୍ଥିକବର୍ଷ ୨୦୨୬-୨୭ ଲାଗି ପୁଞ୍ଜିନିବେଶର ଅନୁମୋଦନ ସକାଶେ ଏକ ଆବେଦନ ଦାଖଲ କରିଛି । ଆୟୋଗ ଏହାକୁ **ମାମଲା ସଂ. ୮୧/୨୦୨୫** ଭାବେ ପଞ୍ଜୀକୃତ କରିଛନ୍ତି ଏବଂ ଏହି ମାମଲାକୁ ତା ୨୩.୧୨.୨୦୨୫ ରିଖର ଆଦେଶ ଜରିଆରେ ଏକ ଜନଶୁଣାଣି ମାଧ୍ୟମରେ ଫଇସଲା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏ ବାବଦରେ ମେସର୍ସ ଟିପିଏନ୍‌ଓଡିଏଲ୍ ଦ୍ୱାରା ଦାଖଲ କରାଯାଇଥିବା ପିଟିଶନ ସମେତ ସମସ୍ତ ପରିଶିଷ୍ଟ ଓଇଆରସି ୱେବ୍‌ସାଇଟ୍ (www.orierc.org) ତଥା ମେସର୍ସ ଟିପିଏନ୍‌ଓଡିଏଲ୍ ୱେବ୍‌ସାଇଟ୍ www.tpnodl.comରେ ମଧ୍ୟ ଉପଲବ୍ଧ । ଉପରୋକ୍ତ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷ/ସଂଗଠନ ମେସର୍ସ ଟିପିଏନ୍‌ଓଡିଏଲ୍‌ର ପିଟିଶନ ଉପରେ ସେମାନଙ୍କର ମତାମତ/ଆପତ୍ତି/ପ୍ରସ୍ତାବ, ଯଦି ଥାଏ, **ତା ୦୫.୦୧.୨୦୨୬ ରିଖ** କିମ୍ବା ତାହା ପୂର୍ବରୁ ସତ୍ୟପାଠ ଜରିଆରେ ଦାଖଲ କରିପାରିବେ ଓ ତାହାର ଏକ ନକଲ ପିଟିଶନରଙ୍କ ନିକଟକୁ ପଠାଇବେ । ମେସର୍ସ ଟିପିଏନ୍‌ଓଡିଏଲ୍‌କୁ ନିର୍ଦ୍ଦେଶ ଦିଆଯାଉଅଛି କି, ପ୍ରତିବାଦୀଙ୍କ ଆପତ୍ତି/ପ୍ରସ୍ତାବର ପ୍ରତ୍ୟୁତ୍ତର, ଯଦି ଥାଏ, ଆୟୋଗଙ୍କ ନିକଟରେ ଶୁଣାଣି ତାରିଖ କିମ୍ବା ତାହା ପୂର୍ବରୁ ଦାଏର କରିବେ ଏବଂ ପ୍ରତିବାଦୀଙ୍କୁ ତାହାର ଏକ ନକଲ ପଠାଇବେ । ମେସର୍ସ ଟିପିଏନ୍‌ଓଡିଏଲ୍‌ର ଉପରୋକ୍ତ ଆବେଦନର ଧାର୍ଯ୍ୟ ତାରିଖ ସୁଦ୍ଧା ନିଜ ନିଜର ଆପତ୍ତି/ପ୍ରସ୍ତାବ/ମତାମତ ଦାଏର କରିଥିବା ବ୍ୟକ୍ତିମାନେ ଆୟୋଗଙ୍କ ଦ୍ୱାରା ଆବେଦନର ଶୁଣାଣିରେ ଭାଗ ନେଇପାରିବେ । ଆୟୋଗଙ୍କ ଦ୍ୱାରା **ତା ୦୯.୦୧.୨୦୨୬ ରିଖ** ପୂର୍ବାହ୍ନ ୧୧.୦୦ ଘଟିକାରେ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟଠାରେ ହାଇବ୍ରିଡ୍ ପଦ୍ଧତିରେ ମାମଲାର ଶୁଣାଣି କରାଯିବ ।
ଏ ବାବଦରେ ଅନ୍ୟ କୌଣସି ବିଜ୍ଞପ୍ତି ଜାରି କରାଯିବ ନାହିଁ ।

ଆୟୋଗଙ୍କ ଆଦେଶକ୍ରମେ
ତାରିଖ: ୨୩।୧୨।୨୦୨୫ ସ୍ୱା/- ସଚିବ


# ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**ବାଲିଚନ୍ଦ୍ରପୁର,୨୩।୧୨ (ଗିରିଜା ପ୍ରସାଦ ସାହୁ):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଚ୍ୟୁତବସନ୍ତ ପଞ୍ଚାୟତସ୍ଥିତ ଟିକାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସହଦେବ ବଳସାମନ୍ତଙ୍କ ସଭାପତିତ୍ୱ ଓ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବଜ୍ରଗିରି ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ପତିତପାବନ ବଳସାମନ୍ତ ଯୋଗଦେଇ କ୍ରୀଡ଼ା ସମସ୍ତଙ୍କ ପାଇଁ ଜରୁରୀ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ପ୍ରଦୀପ କୁମାର ରାୟ ଯୋଗଦେଇ କ୍ରୀଡ଼ା ଛାତ୍ରୀଛାତ୍ରଙ୍କ ସାମଗ୍ରୀକ ବିକାଶ କରିଥାଏ ବୋଲି ମତ ରଖିଥିଲେ। କ୍ରୀଡ଼ା ଶିକ୍ଷକ ନରହରି ସାମଲ ଖେଳ ପରିଚାଳନା କରିଥିଲେ। ୨୦ଟି ବିଭାଗରେ ୧୨୩ ଛାତ୍ରୀଛାତ୍ର ଯୋଗଦେଇ ଖେଳ ପ୍ରଦର୍ଶନ କରିଥିଲେ। ବରିଷ୍ଠ ବାଳିକା ବିଭାଗରେ ସଂଗୀତା ଦାସ, ବାଳକ ବିଭାଗରେ କୃଷ୍ଣଚନ୍ଦ୍ର ମହାନ୍ତି ଓ ତରୁକାନ୍ତ ପୃଷ୍ଟି ଯୁଗ୍ମ ଚାମ୍ପିୟନ ହୋଇଥିଲେ। କନିଷ୍ଠ ବାଳକ ବିଭାଗରେ ସୁନିଲ କୁମାର ସାହୁ ଚାମ୍ପିୟନ ହୋଇଥିଲେ। ମଞ୍ଚାସୀନ ଅତିଥି ଚାମ୍ପିୟାନ ହୋଇଥିବା ଛାତ୍ରୀଛାତ୍ରଙ୍କୁ ବିଜେତା ଟ୍ରଫି ଓ ପୁଷ୍ପଗୁଚ୍ଛ ଦେଇ ପୁରସ୍କୃତ କରିଥିଲେ। ଇକୋ କ୍ଲବ ଓ ଏନର୍ଜି କ୍ଲବର ଆନୁକୂଲ୍ୟରେ ରଚନା, ବକ୍ତୃତା, ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇଥିଲା। ବିଜୟୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଜ୍ଞାନ ଶିକ୍ଷକ ସହଦେବ ବେହେରା ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ବିଭୂତି ଭୂଷଣ ରାଉତ ଧନ୍ୟବାଦ ଦେଇଥିଲେ।


## ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ
## ODISHA ELECTRICITY REGULATORY COMMISSION

BIDYUT NIYAMAK BHAWAN
PLOT NO.4, CHUNOKOLI, SHAILASHREE VIHAR, BHUBANESWAR -751021
TEL. No.: 2721048, 2721049
Together, Let us light up our lives
E-MAIL: oerc@odisha.gov.in / orierc@gmail.com, WEBSITE: www.orierc.org

କେସ୍ ନମ୍ବର - ୭୭ /୨୦୨୫

### ସର୍ବସାଧାରଣ ସୂଚନା

**ଓଇଆର୍‌ସି (ହ୍ୱିଲିଂ ଶୁଳ୍କ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ପାଇଁ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୨୨ର ପାରା ୩.୨ ଅନୁଯାୟୀ ନିଜର ଲାଇସେନ୍ସପ୍ରାପ୍ତ ଯୋଗାଣ କ୍ଷେତ୍ରରେ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ପୁଞ୍ଜିନିବେଶ ଯୋଜନାର ଅନୁମୋଦ ପାଇଁ ଆବେଦନର ଶୁଣାଣି।**

ମେସର୍ସ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିସିଓଡିଏଲ) (ହ୍ୱିଲିଂ ଶୁଳ୍କସୂଚୀ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ପାଇଁ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୨୨ର ଅନୁଚ୍ଛେଦ ୩.୨ ଅନୁଯାୟୀ ନିଜର ଲାଇସେନ୍ସପ୍ରାପ୍ତ ଯୋଗାଣ କ୍ଷେତ୍ରରେ ଆର୍ଥିକବର୍ଷ ୨୦୨୬-୨୭ ଲାଗି ପୁଞ୍ଜିନିବେଶର ଅନୁମୋଦନ ସକାଶେ ଏକ ଆବେଦନ ଦାଖଲ କରିଛି । ଆୟୋଗ ଏହାକୁ **ମାମଲା ସଂ ୭୭/୨୦୨୫** ଭାବେ ପଞ୍ଜିକୃତ କରିଛନ୍ତି ଏବଂ ଏହି ମାମଲାକୁ ତା ୨୩.୧୨.୨୦୨୫ ରିଖର ଆଦେଶ ଜରିଆରେ ଏକ ଜନଶୁଣାଣି ମାଧ୍ୟମରେ ଫଇସଲା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏ ବାବଦରେ ମେସର୍ସ ଟିପିସିଓଡିଏଲ ଦ୍ୱାରା ଦାଖଲ କରାଯାଇଥିବା ଆବେଦନ ସମେତ ସମସ୍ତ ପରିଶିଷ୍ଟ ଓଇଆର୍‌ସି ୱେବସାଇଟ୍ (www.orierc.org) ତଥା ମେସର୍ସ ଟିପିସିଓଡିଏଲ୍ ୱେବ୍‌ସାଇଟ (www.tpcentralodisha.com) ରେ ମଧ୍ୟ ଉପଲବ୍ଧ । ଉପରୋକ୍ତ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷ / ସଂଗଠନ ମେସର୍ସ ଟିପିସିଓଡିଏଲର ଆବେଦନ ଉପରେ ସେମାନଙ୍କର ମତାମତ / ଆପତ୍ତି / ପ୍ରସ୍ତାବ, ଯଦିଥାଏ **ତା ୦୫.୦୧.୨୦୨୬** ସୁଦ୍ଧା ସତ୍ୟପାଠ ଜରିଆରେ ଦାଖଲ କରିପାରିବେ ଓ ତାହାର ଏକ ନକଲ ଆବେଦନକାରିଙ୍କ ନିକଟକୁ ପଠାଇବେ । ମେସର୍ସ ଟିପିସିଓଡିଏଲ୍‌କୁ ନିର୍ଦ୍ଦେଶ ଦିଆଯାଉଅଛି କି, ପ୍ରତିବାଦୀଙ୍କ ଆପତ୍ତି / ପ୍ରସ୍ତାବର ପ୍ରତ୍ୟୁତ୍ତର ଯଦି ଥାଏ, ଆୟୋଗଙ୍କ ନିକଟରେ ଶୁଣାଣି ତାରିଖ କିମ୍ବା ତାହା ପୂର୍ବରୁ ଦାଏର କରିବେ ଏବଂ ପ୍ରତିବାଦୀଙ୍କୁ ତାହାର ଏକ ନକଲ ପଠାଇବେ । ମେସର୍ସ ଟିପିସିଓଡିଏଲ୍‌ର ଉପରୋକ୍ତ ଆବେଦନ ଉପରେ ଧାର୍ଯ୍ୟ ତାରିଖ ସୁଦ୍ଧା ନିଜର ଆପତ୍ତି / ପ୍ରସ୍ତାବ / ମତାମତ ଦାଏର କରିଥିବା ବ୍ୟକ୍ତିମାନେ ଆୟୋଗଙ୍କ ଦ୍ୱାରା ଶୁଣାଣିରେ ଭାଗ ନେଇପାରିବେ । ଆୟୋଗଙ୍କ ଦ୍ୱାରା **ତା ୦୯.୦୧.୨୦୨୬** ରିଖ ପୂର୍ବାହ୍ନ ୧୧.୦୦ ଘଟିକାରେ ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟଠାରେ ହାଇବ୍ରିଡ୍ ପଦ୍ଧତିରେ ମାମଲାର ଶୁଣାଣି କରାଯିବ। ଏ ବାବଦରେ ଅନ୍ୟ କୌଣସି ବିଜ୍ଞପ୍ତି ଜାରି କରାଯିବ ନାହିଁ।

ତାରିଖ : ୨୩.୧୨.୨୦୨୫
ଆୟୋଗଙ୍କ ଆଦେଶକ୍ରମେ
ସ୍ୱା/- ସଚିବ

ଓଡିଆ ଭାଷାରେ ପ୍ରକାଶିତ ବିଜ୍ଞପ୍ତିରେ ଯଦି କୌଣସି ଅସଂଗତି ଥାଏ, ତେବେ ଇଂରାଜୀ ଭାଷାରେ ପ୍ରକାଶିତ ବିଜ୍ଞପ୍ତିକୁ ପ୍ରାମାଣିକତା ପାଇଁ ବିବେଚନା କରାଯିବ।



## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER JEYPORE (R&B) CIRCLE, JEYPORE

// No. 5027 //Dt. 22.12.2025 //

1st Corrigendum to EOI Identification No. CCEJC (R&B)-01/2025-26

### Expression of Interest

**No.B-889** : The following modifications are made to EOI Identification no. CCEJC (R&B) – 01/2025-26 Vide Letter No. 4946 Dated. 12.12.2025.

1. Letter of invitation of the Authority along with all other relevant details of Expression of Interest (EOI) will be available in the website https://tendersodisha.gov.in from 10:30 A.M. of 31.12.2025 to 4:00 P.M. of 27.01.2026. Further details with any addendum, corrigendum and cancellation can be seen in the website.
2. Expression of Interest (EOI) shall be received only "On-line" latest by 4:00 P.M. of 27.01.2026.
3. Proposals received "On-line" shall be opened at 11:00 A.M. on 28.01.2026 in the Office of the Chief Construction Engineer, Jeypore (R&B) Circle, Jeypore in the presence of bidders who wish to attend. Bidders who participated in the bid can witness the opening of bids after logging on the site through their DSC.
4. If the office happens to be closed on the stipulated date of opening of Bids as specified, the bids will be opened on the next working day at the same time and venue.

Sd./- Biswanath Marndi
Chief Construction Engineer,
Jeypore (R&B) Circle, Jeypore

OIPR-34108/11/0042/2526



## ODISHA HYDRO POWER CORPORATION LTD

CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com, Ph.-(0663) 2460661, Email-hpschiplima@yahoo.in, Fax No. (0663) 2460505

No.-CHEP/TW-02 (Vol.-VI) (Part File-I)/4971 Date: 22.12.2025

TENDER CALL NOTICE NO.-CHEP-48/2025-26

**No.CAD-2800** : Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Authorized Dealers / Authorized Distributors / General Order Suppliers meeting eligibility criteria only for procurement of the following materials;

| Description | Cost of Tender Paper (Non-Refundable) | EMD (Refundable) |
|---|---|---|
| Supply of LED lights of different ratings for illumination of Chiplima Power House Building and Premises | Rs.2,360/- (Rs.2,000/- + GST @18%) | Rs.2,700/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from **dtd.26.12.2025 up to 12:30 PM of dtd.08.01.2026.**

Sd./- C & P Head, CHEP,
Chiplima

OIPR-04006/11/0120/2526



## OFFICE OF THE PRINCIPAL
## ATHMALLIK COLLEGE, ATHMALLIK

Dist-Angul
e-mail id - athmallik.college@gmail.com

No.980 Dt.23.12.2025

### QUOTATION CALL NOTICE

Sealed quotations are invited from different Registered Firms / Authorised dealers/ Suppliers having valid license DGS & GeM rate contract Registration / TIN/PAN, GST and Income Tax clearance for supply of Canon Xerox Machine Model No.2224N Image Runner (both side printing) along with the requisite documents. The quotation should reached the undersigned on or before 31.12.2025 by 2 pm through speed post / Registered post. The authority reserves the right to accept or reject any or all quotations without assigning any reason thereof.

**For contact-**
**9937161781-Principal, Dr. Trilochan Pradhan**
**9337066395 - Account Bursar, Sri Braja Gopal Mishra**

**Sd./- Principal-cum-Secretary**
**Athmallik College, Athmallik**

# ସିକନ୍ଦର, ଟିଙ୍କିଙ୍କ ଜାମିନ ଆବେଦନ ଖାରଜ

## ବେହେରାମପୁରରେ ସନ୍ଦିଗ୍ଧ ବାଂଲାଦେଶୀ ପ୍ରସଙ୍ଗ

ଜଗତ୍‌ସିଂହପୁର, ୨୩।୧୨
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଥାନା ବେହେରାମପୁରସ୍ଥିତ ଏକ ନିରୋଳା ସ୍ଥାନରେ ବେଆଇନ ଭାବେ ଗଢ଼ିଉଠିଥିବା ଏକ ବସ୍ତିରେ ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ରଖିବା ଅଭିଯୋଗରେ ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ତଥା ଜମିପୁର ଗ୍ରାମର ସିକନ୍ଦର ଆଲାମ ଓରଫ ସାଇକୋ ଓ ତାଙ୍କ ଭାଇ ଅବଦୁଲ ମୋତାଲିଫ ଖାନ୍ ଓରଫ୍ ଟିଙ୍କିଙ୍କ ଜାମିନ ଆବେଦନ ଏସ୍‌ଡିଜେଏମ୍ କୋର୍ଟରେ ଖାରଜ ହୋଇଯାଇଛି। ଗତ ନଭେମ୍ବର ୧୬ରେ ଉପରୋକ୍ତ ବସ୍ତିରେ ଜଗତ୍‌ସିଂହପୁର ଅତିରିକ୍ତ ଏସ୍‌ପି ସତ୍ୟବ୍ରତ ଦାଶ, ଡିଏସ୍‌ପି (ଡିଆଇବି) ପ୍ରଭାତ କୁମାର ସେଠୀ, ଡିଆଇବି ଓ ଡଗିକୁଲ ବିଙ୍ଗ୍ ହାଉସ କର୍ମଚାରୀମାନେ ଚଢ଼ାଉ କରିଥିଲେ। ଏହି ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ଅତିରିକ୍ତ ଏସ୍‌ପିଙ୍କ ସହ ଏକାଧିକ ପୋଲିସ ଆହତ ହୋଇଥିଲେ। ଏହାପରେ ସଦଳବଳ ପୋଲିସ ଓ ଫୋର୍ସ ସେଠାରେ ପହଞ୍ଚିଲାବେଳକୁ ସେମାନଙ୍କୁ ଆଶ୍ରୟ ଦେଇଥିବା ମୁଖ୍ୟ ଅଭିଯୁକ୍ତ ସିକନ୍ଦର ଓ ତାଙ୍କ ଭାଇଙ୍କ ସମେତ ଅନେକ ଫେରାର ହୋଇଯାଇଥିଲେ। ଗଲାବେଳକୁ ସେମାନେ ସିସି କ୍ୟାମେରା ହାର୍ଡଡିସ୍କ ସହ ଅନ୍ୟ ମାରାତ୍ମକ ମାରଣାସ୍ତ୍ର ଓ କାଗଜପତ୍ର ନେଇପଳାଇଥିଲେ। ସେତେବେଳେ ପୋଲିସ କେବଳ ୨ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ତା'ପରଦିନ ପୋଲିସ, ପ୍ରଶାସନ ପକ୍ଷରୁ ଅସ୍ଥାୟୀ ୧୦ ବଖରା ଆସ୍‌ବେଷ୍ଟସ ଘର ଭାଙ୍ଗିଦିଆଯାଇଥିଲା ଓ ସେଠାରେ ଯେଉଁମାନେ ଥିଲେ ସେମାନଙ୍କୁ ଅସ୍ଥାୟୀ ଆଶ୍ରୟସ୍ଥଳକୁ ନିଆଯାଇଥିଲା। ଗତ ୨୧ ତାରିଖରେ ପୋଲିସ ସିକନ୍ଦରଙ୍କ ଘରେ ଚଢ଼ାଉ କରି କେତେକ ଆଧାର କାର୍ଡ, ବ୍ୟାଙ୍କ ପାସବୁକ୍ ଆଦି ଜବତ କରିଥିଲା। ବେହେରାମପୁରରେ ସିକନ୍ଦର ମଦ୍ରାସା ଚଳାଉଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରି ତଦନ୍ତ ଜାରି ରଖିଥିଲା। ୭ ଦିନ ପରେ ମୁଖ୍ୟ ଅଭିଯୁକ୍ତ ସିକନ୍ଦର ଓ ତାଙ୍କ ଭାଇଙ୍କୁ ପୋଲିସ ଯାଜପୁର ଜିଲା ଅଳଙ୍କୃତ ଥାନା ଅଞ୍ଚଳରେ ଆତ୍ମଗୋପନ କରିଥିବା ବେଳେ ଗିରଫ କରି କୋର୍ଟ ଚାଲାଣ କରିବାକୁ ସମର୍ଥ ହୋଇଥିଲା। ସେବେଠାରୁ ଦୁଇ ଭାଇ ଝାଡ଼ିପିଙ୍ଗଳ ଉପକାରାଗାରରେ ରହିଛନ୍ତି। ଅନ୍ୟପଟେ ଅଭିଯୁକ୍ତମାନେ ଜାମିନ ପାଇଁ ପ୍ରଥମେ ଏସ୍‌ଡିଜେଏମ କୋର୍ଟରେ ଆବେଦନ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ଜିଲା ଓ ଦୌରାଜଜ୍ କୋର୍ଟରେ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ କୋର୍ଟରେ ଆବେଦନ କରିଥିଲେ। ମଙ୍ଗଳବାର ସେମାନଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଥିବା ଭାରପ୍ରାପ୍ତ ପିପି ତପନ କୁମାର ପାଲ୍ ସୂଚନା ଦେଇଛନ୍ତି।

# ୫ ଛାତ୍ରୀଛାତ୍ର ପାଇଲେ ଏନ୍‌ଆରଟିଏସ



## ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ରଘୁନାଥପୁର
■ କବାଡିରେ ଜଣେ ରାଜ୍ୟସ୍ତରକୁ ମନୋନୀତ

ରଘୁନାଥପୁର, ୨୩।୧୨ (ରାଜେନ୍ଦ୍ର ନାରାୟଣ ସିଂହ): ରଘୁନାଥପୁର ବ୍ଲକ ତଥା ପଞ୍ଚାୟତର ସର୍ବପୁରାତନ ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ୫ ଛାତ୍ରୀଛାତ୍ର ନ୍ୟାଶନାଲ ରୁରାଲ ଟ୍ୟାଲେଣ୍ଟ ସ୍କଲାରଶିପ୍(ଏନ୍‌ଆରଟିଏସ୍) ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବାବେଳେ ଜଣେ ଛାତ୍ରୀ ରାଜ୍ୟସ୍ତରୀୟ କବାଡ଼ି ଖେଳ ପାଇଁ ମନୋନୀତ ହୋଇଛନ୍ତି। ଏହି ଉପଲକ୍ଷେ ବିଦ୍ୟାଳୟ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନିକୁଞ୍ଜ କିଶୋର ଦାଶ ଏହି ସଭାରେ ପୌରୋହିତ୍ୟ କରିଥିଲେ। ଏଥିରେ ପଞ୍ଚସଖା ଶିକ୍ଷାସେତୁର ସଭାପତି ବିଜୟ କୁମାର ସ୍ୱାଇଁ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟର ଗୌରବ ବଢ଼ାଇଥିବାରୁ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କୁ ପ୍ରଶଂସା କରିଥିଲେ। ଦୃଢ଼ ନିଷ୍ଠା ଓ ଏକାଗ୍ରତା ଦ୍ୱାରା ଏହା ସମ୍ଭବ ଏବଂ ଆଗାମୀ ଦିନରେ ଏହି ଛାତ୍ରୀଛାତ୍ରମାନେ ସଫଳତାର ଶୀର୍ଷରେ ପହଞ୍ଚିବେ ବୋଲି ସ୍ୱାଇଁ ଆଶାବ୍ୟକ୍ତ କରିଥିଲେ। ଅନ୍ୟପକ୍ଷେ ମା'ବାପା ଓ ଗୁରୁଙ୍କ ପ୍ରତି ଭକ୍ତିଭାବ ରଖିବା ସହ ଯେତେ ସମ୍ଭବ ମୋବାଇଲରୁ ଦୂରେଇ ରହିବାକୁ ସେ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ଶିବାନୀ ଦାସ, ସୁମିତ୍ରା ଲେଙ୍କା, ମଧୁଛନ୍ଦା ଜେନା, ସମ୍ପୂର୍ଣ୍ଣ ରାଉତ, ସସ୍ମିତା ଦାସ, ମୌସୁମୀ ସାହୁ, ଅର୍ପିତା ନାୟକ, ଅନନ୍ତ କୁମାର ବେହେରା ପ୍ରମୁଖ ଶିକ୍ଷଣୀୟ ଉପଦେଶ ଦେଇଥିଲେ। ଏହି ଅବସରରେ ୬ ଜଣ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରଭାତ କୁମାରୀ ବିଶ୍ୱାଳ ସ୍ୱାଗତ ଭାଷଣ ଓ ଶିକ୍ଷକ ସୌମ୍ୟକାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

# ଜନସାଧାରଣଙ୍କ ପାଇଁ କଠୋର ପରିଶ୍ରମ କରିବାକୁ ଆହ୍ୱାନ

## ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ବିଜେଡିର ପ୍ରସ୍ତୁତି

କୁଜଙ୍ଗ, ୨୩।୧୨ (ମନୋଜ ପ୍ରଧାନ)

୨୬ ତାରିଖରେ ବିଜେଡିର ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ କୁଜଙ୍ଗ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ମଙ୍ଗଳବାର ଅପରାହ୍ନରେ କୋଠିଆସାହିସ୍ଥିତ ମୁକ୍ତେଶ୍ୱର ମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ନରେନ୍ଦ୍ର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଗାମୀ ପ୍ରତିଷ୍ଠା ଦିବସ କିପରି ପ୍ରଭାବୀ ଢଙ୍ଗରେ ପାଳନ କରାଯିବ, ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସମସ୍ତ କର୍ମୀ ମନୋମାଳିନ୍ୟ ଭୁଲି ଏକ୍ ହୋଇ ଦଳକୁ ସୁଦୃଢ଼ ରଖିବାକୁ ବରିଷ୍ଠ ନେତା ପ୍ରଫୁଲ୍ଲ ପରିଡ଼ା କହିଥିଲେ। ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ସୁଢ଼ଳ ସ୍ୱାଇଁ କହିଥିଲେ, ବିଜୁ ଜନତା ଦଳ ହେଉଛି ଓଡ଼ିଶାର ବଳ। ତେଣୁ ଜନସାଧାରଣଙ୍କ ପାଇଁ କଠୋର ପରିଶ୍ରମ କରିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ବିକ୍ରମ କେଶରୀ ରାଉତରାୟ, ଅରୁଣ ବେହେରା, କୈଳାସ ଷଡ଼ଙ୍ଗୀ, ପ୍ରକାଶ ବେହେରା, ଜିଲା ପରିଷଦ ସଭ୍ୟା କନକଲତା ବେହେରା, ସଭ୍ୟ ପ୍ରମୋଦ ସ୍ୱାଇଁଙ୍କ ସମେତ ନିର୍ବାଚିତ ପ୍ରତିନିଧି ଓ ମୁରବିମାନେ ଉପସ୍ଥିତ ଥିଲେ।

# ୧୪୩ ଛାତ୍ରୀଙ୍କୁ ଏଏମ୍‌ଏନ୍‌ଏସ୍ ଦେଲା ମେଧାବୃତ୍ତି

ପାରାଦୀପ, ୨୩।୧୨ (ଶରତ ରାଉତ)


ମେଧାବୃତ୍ତି ପାଇଥିବା ଛାତ୍ରୀମାନେ।

ପାରାଦୀପର ଅନ୍ୟତମ ବୃହତ୍ କାରଖାନା ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ(ଏଏମ୍‌ଏନ୍‌ଏସ୍) ପକ୍ଷରୁ ମଙ୍ଗଳବାର ୧୪୩ ଛାତ୍ରୀଙ୍କୁ ବେଟି ପଢ଼ାଓ ମେଧାବୃତ୍ତି ପ୍ରଦାନ କରାଯାଇଛି। ସ୍ଥାନୀୟ କମ୍ପାନୀ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କମ୍ପାନୀ ପକ୍ଷରୁ ଏହା ପ୍ରଦାନ କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା, ନୂଆଗଡ଼ ଓ ପାରାଦୀପଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ, ସସ୍ମିତା ବେହେରା ଓ କମ୍ପାନୀ ସିଏସ୍‌ଆର ମୁଖ୍ୟ ୟୁଏସ୍ ଆର୍.ରାଜୁ ପ୍ରମୁଖ ଉପସ୍ଥିତ ଥିଲେ। ନବମ ଶ୍ରେଣୀଠାରୁ ଉଚ୍ଚଶିକ୍ଷା ନେଉଥିବା ଛାତ୍ରୀଙ୍କୁ ଏହି ମେଧାବୃତ୍ତି ଦିଆଯାଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। କମ୍ପାନୀ ସିଏସ୍‌ଆର କାର୍ଯ୍ୟକ୍ରମ ଅଧୀନରେ ଏହା କରାଯାଇଛି।

# ଅନାଥ ପିଲାଙ୍କୁ ଉଚ୍ଚଶିକ୍ଷା ଦେଉଛି ହରିହରାନନ୍ଦ ବାଳାଶ୍ରମ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

ପଞ୍ଚାମୁଣ୍ଡାଇ, ୨୩।୧୨ (କଳ୍ପତରୁ ନାୟକ)

ପଞ୍ଚାମୁଣ୍ଡାଇ ନିକଟସ୍ଥ ଅରୁଆ ହରିହରାନନ୍ଦ ବାଳାଶ୍ରମର ୨୧ତମ ବାର୍ଷିକ ଉତ୍ସବ (ସ୍ପନ୍ଦନ) ଅନୁଷ୍ଠିତ ହୋଇଯାଇଛି। ବାଳାଶ୍ରମ ପ୍ରତିଷ୍ଠାତା ମହାନ୍ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ଉପସ୍ଥିତି ଉତ୍ସବର ଗରିମା ବୃଦ୍ଧି କରିଥିବା ବେଳେ ବାଳାଶ୍ରମ ଅଧ୍ୟକ୍ଷ ଡ. ମଳୟ ନନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସିଏମ୍‌ଡି ଓଡ଼ିଶା ରାଜ୍ୟ ପୋଲିସ, ଗୃହ ଏବଂ ଆଧୁନିକୀକରଣ ସୌମେନ୍ଦ୍ର ପ୍ରିୟଦର୍ଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜର ଅବହେଳିତ, ଗରିବ ଅନାଥ ଛାତ୍ରୀଛାତ୍ରଙ୍କ ପାଇଁ ମାଗଣାରେ ଆବାସିକ ଉଚ୍ଚଶିକ୍ଷା ଯୋଗାଇ ଦେଇଥିବା ହରିହରାନନ୍ଦ ବାଳାଶ୍ରମ ଅନନ୍ୟ ବୋଲି ମତପ୍ରକାଶ କରିଥିଲେ। ଭୁବନେଶ୍ୱର ପୂର୍ବତଟ ରେଳ ବିଭାଗ ମୁଖ୍ୟ କାର୍ମିକ ଅଧିକାରୀ ସାଗରିକା ପଟ୍ଟନାୟକ, ସଲାମ ଜୀବନ ପରିଚାଳନା ନିର୍ଦ୍ଦେଶକ ଡ. ଇମ୍ରାନ୍ ଅଲ୍ଲୀ, ଅକ୍ଷମତା ଅନ୍ତର୍ଭୁକ୍ତି ବିଶେଷଜ୍ଞ ଡ. ସ୍ମୃତି ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରମହଂସ ପ୍ରଜ୍ଞାନାନନ୍ଦ ଛାତ୍ରୀଛାତ୍ରମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ କଳା ଓ ବିଜ୍ଞାନ ପ୍ରଦର୍ଶନୀକୁ ଅତିଥିମାନେ ପରିଦର୍ଶନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱାମୀ ସୁଗୀତାନନ୍ଦ ଗିରି, ପ୍ରଜ୍ଞାନ ମିଶନର ସମ୍ପାଦକ ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ଗିରିଙ୍କ ସମେତ ବହୁ ସନ୍ନ୍ୟାସିନୀ ସନ୍ନ୍ୟାସୀ, ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ଦ୍ୱିପ୍ରହରରେ ପିଇଓଙ୍କୁ ବନ୍ଧୁକ ଦେଖାଇ ଲୁଟିଲେ ଦୁର୍ବୃତ୍ତ

କେନ୍ଦ୍ରାପଡ଼ା, ୨୩।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅନ୍ତର୍ଗତ ଇନ୍ଦୁପୁର ଡାଳି ରାସ୍ତାରେ ଦୁର୍ବୃତ୍ତମାନେ ବ୍ଲକ୍ ଅନ୍ତର୍ଗତ ପଳସିଂହା ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଐଶ୍ୱର୍ଯ୍ୟା ନାଥ ଶର୍ମାଙ୍କୁ ମଙ୍ଗଳବାର ଦ୍ୱିପ୍ରହରରେ ଲୁଟିଛନ୍ତି। ଏ ନେଇ ଥାନାରେ ମାମଲା ରୁଜୁ ହେବା ସହ ତଦନ୍ତ ଆରମ୍ଭ ହୋଇଛି। ଅଭିଯୋଗ ମୁତାବକ, ଐଶ୍ୱର୍ଯ୍ୟା ଅପରାହ୍ନ ପ୍ରାୟ ୨ଟାରେ କାର୍ଯ୍ୟାଳୟ କାର୍ଯ୍ୟ ସାରି ନିଜ ଗ୍ରାମ ନିକିରାଇକୁ ଫେରୁଥିଲେ। ଇନ୍ଦୁପୁର ଡାଳି ରାସ୍ତା ନିକଟରେ ୨ଜଣ ଯୁବକ ଏକ ପଲ୍‌ସର ଗାଡ଼ିରେ ଆସି ଐଶ୍ୱର୍ଯ୍ୟାଙ୍କ ସ୍କୁଟିକୁ ଅଟକାଇଥିଲେ। ଏଥିସହ ଦୁର୍ବୃତ୍ତମାନେ ବନ୍ଧୁକ ତାଙ୍କ ମୁଣ୍ଡରେ ଲଗାଇ ପାଖରେ ଯାହା ଅଛି ଦିଅ ବୋଲି କହିଥିଲେ। ଟିକେ ବିଳମ୍ବ ହେବାରୁ ଦୁର୍ବୃତ୍ତମାନେ ହ୍ୟାଣ୍ଡବ୍ୟାଗ୍ ଓ ପିନ୍ଧିଥିବା ମୁଦି ଛଡ଼ାଇ ନେଇଥିଲେ। ବ୍ୟାଗ୍‌ରେ ମୋବାଇଲ ଫୋନ୍, ଅଫିସ ଗୃହର ଚାବି, ଡିଏସ୍‌ସି ଓ କାର୍ଯ୍ୟାଳୟର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ କିଛି ଟଙ୍କା ରହିଥିବା ସେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।

# ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟରୁ ଶିଶୁ ଶ୍ରମିକ ଉଦ୍ଧାର

କେନ୍ଦ୍ରାପଡ଼ା, ୨୩।୧୨ (ଜଗନ୍ନାଥ ଧଳ)

ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଜଣେ ଶିଶୁ ଶ୍ରମିକଙ୍କୁ କେନ୍ଦ୍ରାପଡ଼ା ଶ୍ରମ ବିଭାଗ ମଙ୍ଗଳବାର ଉଦ୍ଧାର କରିଛି। ସମ୍ପୃକ୍ତ ବାଳକଙ୍କୁ ଜିଲା ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଛି। ଏ ସମ୍ପର୍କରେ ଶ୍ରମ ବିଭାଗ ଅଧିକାରୀ ଏସ୍‌ଡି କିରଣ କୁମାର କହିଛନ୍ତି, କେନ୍ଦ୍ରାପଡ଼ା ସହର ନିକଟ ଦୁହୁରିଆଠାରେ ଏହି ନାବାଳକ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ। ଏହି ଖବର ଜଣାପଡ଼ିବା ପରେ ତାଙ୍କ ଆଧାର କାର୍ଡ ଯାଞ୍ଚ କରାଯାଇଥିଲା। ତାଙ୍କୁ ୧୭ ବର୍ଷ ହୋଇଥିବା ପ୍ରାଥମିକ ପ୍ରମାଣ ମିଳୁଛି। ଜନ୍ମ ସାର୍ଟିଫିକେଟ୍ ଅଥବା ଶିକ୍ଷା ପ୍ରମାଣପତ୍ରକୁ ଅପେକ୍ଷା କରାଯାଇଥିବାରୁ ତାଙ୍କୁ ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଛି। ଏ ସମ୍ପର୍କରେ କମିଟି ଅଧ୍ୟକ୍ଷ ସ୍ନେହାଞ୍ଜଳି ପାତ୍ର କହିଛନ୍ତି, ଶିଶୁ ଶ୍ରମିକଙ୍କ ସମ୍ପର୍କରେ ଖବର ପ୍ରକାଶ ପାଉ ନ ଥିବାରୁ ଅଥବା ଏ ସମ୍ପର୍କରେ ଅଭିଯୋଗ ମିଳୁ ନ ଥିବାରୁ କାର୍ଯ୍ୟାନୁଷ୍ଠାନ ନେଇହେଉନାହିଁ। ଦୁହୁରିଆରୁ ଉଦ୍ଧାର ନାବାଳକଙ୍କୁ କମିଟି ହେପାଜତରେ ରଖାଯାଇଥିବା ସେ ପ୍ରକାଶ କରିଛନ୍ତି।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SIG-ZONAL-KDJR-527, ତା.17.12.2025ରିଖ

**କାର୍ଯ୍ୟର ନାମ :** 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ସିଗ୍ନାଲ / କେନ୍ଦୁଝରଗଡ଼ଙ୍କ ଅଧିକାର କ୍ଷେତ୍ର ଅଧିନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍ନାଲିଙ୍ଗ୍ ଜୋନାଲ (Zonal) କାର୍ଯ୍ୟ।

ଟେଣ୍ଡର ମୂଲ୍ୟ (₹): 74,67,830.67, EMD (₹) : 1,49,400.00

ବିଡ୍ ଆରମ୍ଭ ହେବା ତାରିଖ : ତା.25.12.2025ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 08.01.2026 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର),
PR-926/Q/25-26 ଖୋର୍ଦ୍ଧା ରୋଡ଼


# ଗଲ୍ଫ ପଡ଼ିଆରେ ବନ୍ଧୁମିଳନ


ବନ୍ଧୁମିଳନ ଉତ୍ସବରେ ଯୋଗଦେଇଥିବା ପୁରାତନ ଛାତ୍ରୀଛାତ୍ର।

ପାରାଦୀପ, ୨୩।୧୨ (ଶରତ ରାଉତ): ପାରାଦୀପର ଗଲ୍ଫ ପଡ଼ିଆରେ କେନ୍ଦ୍ରାପଡ଼ା କଲେଜର ୧୯୮୮ ରୁ ୧୯୯୩ ମସିହା ପର୍ଯ୍ୟନ୍ତ ପଢ଼ିଥିବା ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାର ନେତୃତ୍ୱ ସୁରେନ୍ଦ୍ର ନାଥ ଜେନା, ଦାମୋଦର ପଣ୍ଡା, ଚିନ୍ମୟ କୁମାର ଦାସ, ସୁବାସ ଦାସ ପ୍ରମୁଖ ନେଇଥିଲେ। ଉପରୋକ୍ତ ବ୍ୟାଚ୍‌ର ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୨୦ ଜଣ ଏବେ ପରିଣତ ବୟସରେ ଉପନୀତ ହେଲେଣି। ସେହି ପୁରୁଣା ବନ୍ଧୁଙ୍କ ମଧ୍ୟରୁ କେତେଜଣଙ୍କ ପରଲୋକ ଘଟିଛି। ଏହି ବନ୍ଧୁମିଳନରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ ସେମାନଙ୍କ ପୁରୁଣାଦିନର ସ୍ମୃତି ବାଣ୍ଟିଥିଲେ।

# ହିନ୍ଦୁସ୍ଥାନ ସ୍ପୋର୍ଟିଂକୁ ହରାଇ ସେମିରେ ପିସିସି ପାରାଦୀପ

## କୁଜଙ୍ଗ କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ

କୁଜଙ୍ଗ, ୨୩।୧୨ (ମନୋଜ ପ୍ରଧାନ): କୁଜଙ୍ଗ ଆଥ୍‌ଲେଟିକ କ୍ଲବ୍ ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହୋଇଯାଇଛି। ପାରାଦୀପ କ୍ରିକେଟ୍ କ୍ଲବ(ପିସିସି) ୬୨ ରନ୍‌ରେ ପାରାଦୀପର ହିନ୍ଦୁସ୍ଥାନ ସ୍ପୋର୍ଟିଂ ଜଗତ୍‌ସିଂହପୁରକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପିସିସି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଏହି ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୭୫ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରାହୁଲ ଗୁପ୍ତା ନବମ ଉଇକେଟରେ ବ୍ୟାଟିଂ କରିବାକୁ ଆସି ବିସ୍ଫୋରକ ଇନିଂସ୍ ଖେଳି ୫ ଛକା ଓ ୨ ଚୌକା ସହାୟତାରେ ୪୭ ରନ୍ ସଂଗ୍ରହ କରିଥିଲେ। ସେହିପରି ଦଳ ପକ୍ଷରୁ ବିକ୍ରମ ସାମଲ ଓ ମୁକେଶ କୁମାର ଯଥାକ୍ରମେ ୨୯ ଲେଖାଏ ରନ୍ କରିଥିଲେ। ହିନ୍ଦୁସ୍ଥାନ ସ୍ପୋର୍ଟିଂ ଜଗତ୍‌ସିଂହପୁର ପକ୍ଷରୁ ଶୁଭମ୍ ମହାପାତ୍ର ଓ ସୁପ୍ରଭାତ ପଟ୍ଟନାୟକ ୪ ଓ ୩ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ହିନ୍ଦୁସ୍ଥାନ ସ୍ପୋର୍ଟିଂ ୧୬.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୧୩ ରନ୍ ସଂଗ୍ରହ କରିବାକୁ ସମର୍ଥ ହୋଇଛି। ଦଳ ପକ୍ଷରୁ ସୌଭାଗ୍ୟ ମହାପାତ୍ର ସର୍ବାଧିକ ୨୭ ରନ୍ ସଂଗ୍ରହ କରିଥିଲେ। ପାରାଦୀପ ପକ୍ଷରୁ ଜାମଲା ଭଞ୍ଜନ ମହାପାତ୍ର ୪ ଉଇକେଟ ଅକ୍ତିଆର କରିଥିଲେ। ମ୍ୟାଚ୍‌କୁ ଅମ୍ପାୟର ସଞ୍ଜୟ ପ୍ରଧାନ ଓ ସୁରେଶ ଲେଙ୍କା ପରିଚାଳନା କରିଥିଲେ। ବିଜୟୀ ଦଳ ପକ୍ଷରୁ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ରାହୁଲ ଗୁପ୍ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଦିଆଯାଇଥିଲା। ନନ୍ଦିଘୋଷ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା ପରିଚାଳକ ପ୍ରଶାନ୍ତ କୁମାର ନାୟକ ଓ ମନୋଜ କୁମାର ମହାନ୍ତି ପ୍ରଦାନ କରିଥିଲେ। ବିଶ୍ୱରଞ୍ଜନ ସ୍ୱାଇଁ ଓ ପ୍ରମୋଦ କୁମାର ଦାସ ମ୍ୟାଚ୍‌ରେ ସ୍କୋରର ଭାବେ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଶୁଭାଶିଷ ଦାସ୍ ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ।


## ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ
ODISHA ELECTRICITY REGULATORY COMMISSION
ବିଦ୍ୟୁତ୍ ନିୟାମକ ଭବନ
ପ୍ଲଟ୍ ନଂ.୪, ଚୁନୋକୋଳି, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧, ଟେଲି. ନଂ.: ୨୭୨୧୦୪୮, ୨୭୨୧୦୪୯
Together, Let us light up our lives
ଇ-ମେଲ୍: oerc@odisha.gov.in/orierc@gmail.com; ୱେବ୍‌ସାଇଟ୍: www.orierc.org

ମାମଲା ସଂ. ୮୧/୨୦୨୫

### ସର୍ବସାଧାରଣ ବିଜ୍ଞପ୍ତି

**ଓଇଆର୍‌ସି (ହ୍ୱିଲିଂ ଶୁଳ୍କସୂଚୀ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ପାଇଁ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୨୨ର ପାରା ୩.୨ ଅନୁଯାୟୀ ନିଜର ଲାଇସେନ୍ସପ୍ରାପ୍ତ ଯୋଗାଣ କ୍ଷେତ୍ରରେ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ପୁଞ୍ଜିନିବେଶ ଯୋଜନାର ଅନୁମୋଦନ ପାଇଁ ଆବେଦନର ଶୁଣାଣି।**

ମେସର୍ସ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲି଼ଃ ଓଇଆର୍‌ସି (ହ୍ୱିଲିଂ ଶୁଳ୍କସୂଚୀ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ପାଇଁ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୨୨ର ଅନୁଚ୍ଛେଦ ୩.୨ ଅନୁଯାୟୀ ନିଜର ଲାଇସେନ୍ସପ୍ରାପ୍ତ ଯୋଗାଣ କ୍ଷେତ୍ରରେ ଆର୍ଥିକବର୍ଷ ୨୦୨୬-୨୭ ଲାଗି ପୁଞ୍ଜିନିବେଶର ଅନୁମୋଦନ ସକାଶେ ଏକ ଆବେଦନ ଦାଖଲ କରିଛି। ଆୟୋଗ ଏହାକୁ **ମାମଲା ସଂ. ୮୧/୨୦୨୫** ଭାବେ ପଞ୍ଜୀକୃତ କରିଛନ୍ତି ଏବଂ ଏହି ମାମଲାକୁ ତା ୨୩.୧୨.୨୦୨୫ ରିଖର ଆଦେଶ ଜରିଆରେ ଏକ ଜନଶୁଣାଣି ମାଧ୍ୟମରେ ଫଇସଲା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏ ବାବଦରେ ମେସର୍ସ ଟିପିଏନ୍‌ଓଡିଏଲ୍ ଦ୍ୱାରା ଦାଖଲ କରାଯାଇଥିବା ପିଟିଶନ ସମେତ ସମସ୍ତ ପରିଶିଷ୍ଟ ଓଇଆର୍‌ସି ୱେବ୍‌ସାଇଟ୍ (www.orierc.org) ତଥା ମେସର୍ସ ଟିପିଏନ୍‌ଓଡିଏଲ୍ ୱେବ୍‌ସାଇଟ୍ www.tpnodl.comରେ ମଧ୍ୟ ଉପଲବ୍ଧ। ଉପରୋକ୍ତ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷ/ସଂଗଠନ ମେସର୍ସ ଟିପିଏନ୍‌ଓଡିଏଲ୍‌ର ପିଟିଶନ ଉପରେ ସେମାନଙ୍କର ମତାମତ/ଆପତ୍ତି/ପ୍ରସ୍ତାବ, ଯଦି ଥାଏ, **ତା ୦୫.୦୧.୨୦୨୬ ରିଖ** କିମ୍ବା ତାହା ପୂର୍ବରୁ ସତ୍ୟପାଠ ଜରିଆରେ ଦାଖଲ କରିପାରିବେ ଓ ତାହାର ଏକ ନକଲ ପିଟିଶନରଙ୍କ ନିକଟକୁ ପଠାଇବେ। ମେସର୍ସ ଟିପିଏନ୍‌ଓଡିଏଲ୍‌କୁ ନିର୍ଦ୍ଦେଶ ଦିଆଯାଉଅଛି କି, ପ୍ରତିବାଦୀଙ୍କ ଆପତ୍ତି/ପ୍ରସ୍ତାବର ପ୍ରତ୍ୟୁତ୍ତର, ଯଦି ଥାଏ, ଆୟୋଗଙ୍କ ନିକଟରେ ଶୁଣାଣି ତାରିଖ କିମ୍ବା ତାହା ପୂର୍ବରୁ ଦାଏର କରିବେ ଏବଂ ପ୍ରତିବାଦୀଙ୍କୁ ତାହାର ଏକ ନକଲ ପଠାଇବେ। ମେସର୍ସ ଟିପିଏନ୍‌ଓଡିଏଲ୍‌ର ଉପରୋକ୍ତ ଆବେଦନର ଧାର୍ଯ୍ୟ ତାରିଖ ସୁଦ୍ଧା ନିଜ ନିଜର ଆପତ୍ତି/ପ୍ରସ୍ତାବ/ମତାମତ ଦାଏର କରିଥିବା ବ୍ୟକ୍ତିମାନେ ଆୟୋଗଙ୍କ ଦ୍ୱାରା ଆବେଦନର ଶୁଣାଣିରେ ଭାଗ ନେଇପାରିବେ। ଆୟୋଗଙ୍କ ଦ୍ୱାରା **ତା ୦୯.୦୧.୨୦୨୬ ରିଖ** ପୂର୍ବାହ୍ନ ୧୧.୦୦ ଘଟିକାରେ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟଠାରେ ହାଇବ୍ରିଡ୍ ପଦ୍ଧତିରେ ମାମଲାର ଶୁଣାଣି କରାଯିବ।
ଏ ବାବଦରେ ଅନ୍ୟ କୌଣସି ବିଜ୍ଞପ୍ତି ଜାରି କରାଯିବ ନାହିଁ।

ଆୟୋଗଙ୍କ ଆଦେଶକ୍ରମେ
ତାରିଖ: ୨୩।୧୨।୨୦୨୫ ସ୍ୱା/- ସଚିବ



## ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ
ODISHA ELECTRICITY REGULATORY COMMISSION
BIDYUT NIYAMAK BHAWAN
PLOT NO.4, CHUNOKOLI, SHAILASHREE VIHAR, BHUBANESWAR -751021
TEL. No.: 2721048, 2721049
Together, Let us light up our lives
E-MAIL: oerc@odisha.gov.in / orierc@gmail.com, WEBSITE: www.orierc.org

କେସ୍ ନମ୍ବର - ୭୭ /୨୦୨୫

### ସର୍ବସାଧାରଣ ସୂଚନା

**ଓଇଆର୍‌ସି (ହ୍ୱିଲିଂ ଶୁଳ୍କ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ପାଇଁ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୨୨ର ପାରା ୩.୨ ଅନୁଯାୟୀ ନିଜର ଲାଇସେନ୍ସପ୍ରାପ୍ତ ଯୋଗାଣ କ୍ଷେତ୍ରରେ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ପୁଞ୍ଜିନିବେଶ ଯୋଜନାର ଅନୁମୋଦ ପାଇଁ ଆବେଦନର ଶୁଣାଣି।**

ମେସର୍ସ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିସିଓଡିଏଲ) (ହ୍ୱିଲିଂ ଶୁଳ୍କସୂଚୀ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ପାଇଁ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୨୨ର ଅନୁଚ୍ଛେଦ ୩.୨ ଅନୁଯାୟୀ ନିଜର ଲାଇସେନ୍ସପ୍ରାପ୍ତ ଯୋଗାଣ କ୍ଷେତ୍ରରେ ଆର୍ଥିକବର୍ଷ ୨୦୨୬-୨୭ ଲାଗି ପୁଞ୍ଜିନିବେଶର ଅନୁମୋଦନ ସକାଶେ ଏକ ଆବେଦନ ଦାଖଲ କରିଛି। ଆୟୋଗ ଏହାକୁ **ମାମଲା ସଂ ୭୭/୨୦୨୫** ଭାବେ ପଞ୍ଜିକୃତ କରିଛନ୍ତି ଏବଂ ଏହି ମାମଲାକୁ ତା ୨୩.୧୨.୨୦୨୫ ରିଖର ଆଦେଶ ଜରିଆରେ ଏକ ଜନଶୁଣାଣି ମାଧ୍ୟମରେ ଫଇସଲା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏ ବାବଦରେ ମେସର୍ସ ଟିପିସିଓଡିଏଲ ଦ୍ୱାରା ଦାଖଲ କରାଯାଇଥିବା ଆବେଦନ ସମେତ ସମସ୍ତ ପରିଶିଷ୍ଟ ଓଇଆର୍‌ସି ୱେବସାଇଟ୍ (www.orierc.org) ତଥା ମେସର୍ସ ଟିପିସିଓଡିଏଲ୍ ୱେବସାଇଟ (www.tpcentralodisha.com) ରେ ମଧ୍ୟ ଉପଲବ୍ଧ। ଉପରୋକ୍ତ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷ / ସଂଗଠନ ମେସର୍ସ ଟିପିସିଓଡିଏଲର ଆବେଦନ ଉପରେ ସେମାନଙ୍କର ମତାମତ / ଆପତ୍ତି / ପ୍ରସ୍ତାବ, ଯଦିଥାଏ ତା ୦୫.୦୧.୨୦୨୬ ସୁଦ୍ଧା ସତ୍ୟପାଠ ଜରିଆରେ ଦାଖଲ କରିପାରିବେ ଓ ତାହାର ଏକ ନକଲ ଆବେଦନକାରିଙ୍କ ନିକଟକୁ ପଠାଇବେ। ମେସର୍ସ ଟିପିସିଓଡିଏଲ୍‌କୁ ନିର୍ଦ୍ଦେଶ ଦିଆଯାଉଅଛି କି, ପ୍ରତିବାଦୀଙ୍କ ଆପତ୍ତି / ପ୍ରସ୍ତାବର ପ୍ରତ୍ୟୁତ୍ତର ଯଦି ଥାଏ, ଆୟୋଗଙ୍କ ନିକଟରେ ଶୁଣାଣି ତାରିଖ କିମ୍ବା ତାହା ପୂର୍ବରୁ ଦାଏର କରିବେ ଏବଂ ପ୍ରତିବାଦୀଙ୍କୁ ତାହାର ଏକ ନକଲ ପଠାଇବେ। ମେସର୍ସ ଟିପିସିଓଡିଏଲ୍‌ର ଉପରୋକ୍ତ ଆବେଦନ ଉପରେ ଧାର୍ଯ୍ୟ ତାରିଖ ସୁଦ୍ଧା ନିଜର ଆପତ୍ତି / ପ୍ରସ୍ତାବ / ମତାମତ ଦାଏର କରିଥିବା ବ୍ୟକ୍ତିମାନେ ଆୟୋଗଙ୍କ ଦ୍ୱାରା ଶୁଣାଣିରେ ଭାଗ ନେଇପାରିବେ। ଆୟୋଗଙ୍କ ଦ୍ୱାରା ତା ୦୯.୦୧.୨୦୨୬ ରିଖ ପୂର୍ବାହ୍ନ ୧୧.୦୦ ଘଟିକାରେ ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟଠାରେ ହାଇବ୍ରିଡ୍ ପଦ୍ଧତିରେ ମାମଲାର ଶୁଣାଣି କରାଯିବ। ଏ ବାବଦରେ ଅନ୍ୟ କୌଣସି ବିଜ୍ଞପ୍ତି ଜାରି କରାଯିବ ନାହିଁ।

ତାରିଖ : ୨୩.୧୨.୨୦୨୫ ଆୟୋଗଙ୍କ ଆଦେଶକ୍ରମେ
ସ୍ୱା/- ସଚିବ

ଓଡିଆ ଭାଷାରେ ପ୍ରକାଶିତ ବିଜ୍ଞପ୍ତିରେ ଯଦି କୌଣସି ଅସଂଗତି ଥାଏ, ତେବେ ଇଂରାଜୀ ଭାଷାରେ ପ୍ରକାଶିତ ବିଜ୍ଞପ୍ତିକୁ ପ୍ରାମାଣିକତା ପାଇଁ ବିବେଚନା କରାଯିବ।



## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER JEYPORE (R&B) CIRCLE, JEYPORE

